ବର୍ଷ-୨୫, ସଂଖ୍ୟା-୩୧୦
ଭୁବନେଶ୍ୱର
୨୨, ନଭେମ୍ବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 310
Bhubaneswar
22, November, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଘାତକ ଷ୍ଟାର୍କ

# କ୍ୟାବିନେଟ୍ ବୈଠକରେ ୯ ବିଭାଗର ୧୨ ପ୍ରସ୍ତାବକୁ ଅନୁମୋଦନ

## ଗଠନ ହେବ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ

- ଜଳ ସଂଶୋଧନ ଆଇନକୁ କ୍ୟାବିନେଟ ମଞ୍ଜୁରୀ
- ପୋଲିସ୍ କର୍ମଚାରୀଙ୍କ ସ୍ପେଶାଲ ଡାଏଟ୍ ଭତ୍ତା ବାବଦକୁ ୬୪.୯୪ ଲକ୍ଷ ଟଙ୍କାକୁ ହିସାବରୁ ବାଦ ଦିଆଯିବ
- ଅର୍ଥ ସେବା ଅଧିକାରୀଙ୍କ ପ୍ରଶିକ୍ଷଣ ଅବଧିରେ ପରିବର୍ତ୍ତନ
- ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ବୃତ୍ତି ବୃଦ୍ଧି
- ଛାତ୍ରଙ୍କୁ ୧୬ ହଜାର , ଛାତ୍ରୀଙ୍କୁ ୧୭ ହଜାର ଟଙ୍କା ମିଳିବ
- ଖଣି ଲିଜ୍ ଆବଣ୍ଟନ ପାଇଁ ଇ-ଲଟେରୀ ବ୍ୟବସ୍ଥା



ଭୁବନେଶ୍ୱର, ୨୧।୧୧ (ମହାଭାରତ): ରାଜ୍ୟ କ୍ୟାବିନେଟର ୩୦ ତମ ବୈଠକ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । କ୍ୟାବିନେଟ ବୈଠକରେ ମୋଟ ୯ ଟି ବିଭାଗର ୧୨ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା ।ତନ୍ମଧ୍ୟରେ ଗୋଟିଏ ପ୍ରସ୍ତାବ ସପ୍ତଦଶ ବିଧାନ ସଭାର ଆଗାମୀ ୫ମ ଅଧିବେଶନ ଅନୁଷ୍ଠିତ ହେବା ସମ୍ପର୍କିତ ଥିଲା । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଗଠନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୟୁନିଫର୍ମ ସର୍ଭିସ୍ ପାଇଁ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଗଠନ କରାଯିବ । କମିଟିରେ ଜଣେ ଅଧକ୍ଷ ଓ ୨ ସଦସ୍ୟ ରହିବେ । ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସ୍ୱଛତା ଆସିବ । ଓଡ଼ିଶା ପୋଲିସ୍ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି, ବିଭିନ୍ନ ବୋର୍ଡ ମାଧ୍ୟମରେ ପରିଚାଳିତ ହେଉଛି । ଏଥି ଯୋଗୁ ନିଯୁକ୍ତି ପରୀକ୍ଷାରେ ଅସ୍ୱାଭାବିକ ବିଳମ୍ୱ ଏବଂ ଅନିୟମିତତା ଦେଖାଦେଉଛି । ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନାମରେ ଏକ ସ୍ୱତନ୍ତ୍ର ନିଯୁକ୍ତିସଂସ୍ଥା ଗଠନ କରାଯିବା ପ୍ରସ୍ତାବିତ ହୋଇଛି । ଯାହା ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ । ଏହି ଆୟୋଗ ଗଠନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାର ସମସ୍ତ ୟୁନିଫର୍ମ ସେବାରେ ସମୟୋଚିତ, ଗଚ୍ଛ, ଦକ୍ଷ ଏବଂ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ନିଶ୍ଚିତ କରିବା ।

ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୪ (୨୦୨୪ ର ୫ ନମ୍ବର) ଗ୍ରହଣ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି । ଏହି ସଂଶୋଧନ ଆଇନ, ପରିବେଶଗତ ଶାସନକୁ ଉନ୍ନତ କରିବା ଏବଂ ନିୟାମକ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ପ୍ରମୁଖ ପରିବର୍ତନ ଆଣିବ । ଏହା ଛୋଟ ଛୋଟ ଅପରାଧଗୁଡିକୁ ଅପରାଧମୁକ୍ତ କରିଥାଏ, ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରିଥାଏ ଏବଂ ଦଣ୍ଡ ବଦଳରେ ଅନୁପାଳନ ଉପରେ ଧ୍ୟାନ ଦେଇଥାଏ । ଏହା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନିର୍ଦ୍ଧାରିତ କରିଥାଏ । ପୁନଶ୍ଚ, ରାଜ୍ୟଗୁଡ଼ିକରେ ପରିବେଶଗତ ଆଇନ ଗୁଡ଼ିକୁ ସମାନ ଭାବେ ପ୍ରୟୋଗ କରିବାକୁ ସୁନିଶ୍ଚିତ କରିବ ତଥା ଚିରନ୍ତନ ଶିଳ୍ପ ବିକାଶ ପାଇଁ ଜାତୀୟ ମାନଦଣ୍ଡ ସହିତ ଓଡ଼ିଶା ସରକାରଙ୍କ ସମନ୍ୱୟ ରକ୍ଷା କରିବ ।ଓଡ଼ିଶା ପାଇଁ, ଏହିଆଇନ ଅନେକ ଲାଭ ପ୍ରଦାନ କରିବ, ଯେଉଁଥିରେ ଏହିଆଇନର ବିକେନ୍ଦ୍ରୀକରଣ ମାଧ୍ୟମରେ ବ୍ୟବସାୟ କରିବାର ସୁଗମତା ଏବଂ ଉତମ ଅନୁପାଳନକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ । ଏହା ପ୍ରଭାବଶାଳୀ ପ୍ରଦୂଷଣ ତଦାରଖ ଏବଂ ଜଳ ସମ୍ପଦର ସୁରକ୍ଷା ଉପରେ ଧ୍ୟାନ ଦେଇ ପରିବେଶଗତ ଶାସନକୁ ମଧ୍ୟ ସୁଦୃଢ଼ କରିବ ।

୧୯-୦୪-୧୯୯୩ ରୁ ୩୧-୦୩-୧୯୯୬ ମଧ୍ୟରେ ବିଭିନ୍ନ ପୋଲିସ୍ ପ୍ରତିଷ୍ଠାନ ଯଥା :- (କ) ପ୍ରଥମ ଓଡିଶା ରାଜ୍ୟ ସଶସ୍ତ୍ର ଆରକ୍ଷୀ ବାଟାଲିୟନ, ଢେଙ୍କାନାଳ ;(ଖ) ଷଷ୍ଠ ଓଡିଶା ରାଜ୍ୟ ସଶସ୍ତ୍ର ଆରକ୍ଷୀ ବାଟାଲିୟନ, କଟକ ଓ (ଗ) ସପ୍ତମ ଓଡିଶା ରାଜ୍ୟ ସଶସ୍ତ୍ର ବାଟାଲିୟନ, ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ୨୪୯୫ ପୋଲିସ୍ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ପେଶାଲ ଡାଏଟ୍ ଭତା ବାବଦକୁ ଦିଆଯାଇଥିବା ୬୪.୯୪ ଲକ୍ଷ ଟଙ୍କାକୁ ହିସାବରୁ ବାଦ ଦେବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ଉକ୍ତ ପୋଲିସ୍ କର୍ମଚାରୀଙ୍କ ମଧ୍ୟରୁ ସମସ୍ତେ ମୃତ କିମ୍ବା ଅବସରପ୍ରାପ୍ତ ହୋଇଥିବାରୁ ଏହି ନିଷ୍ପତି ନିଆଯାଇଛି ।

ଓଡ଼ିଶା ଅର୍ଥ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମ, ୨୦୧୧ର ନିୟମ ୧୭ କୁ ସଂଶୋଧନ କରାଯାଇଛି । ଏହି ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନିକ ଆବଶ୍ୟକତା ଆଧାରରେ ଓଡ଼ିଶା ଅର୍ଥ ସେବା ଅଧିକାରୀମାନଙ୍କ ପାଇଁ ସମୟ ସମୟରେ ସଂସ୍ଥାଗତ ଏବଂ ନିଯୁକ୍ତି ପ୍ରଶିକ୍ଷଣର ଅବଧି ନିର୍ଦ୍ଧାରଣ କିମ୍ବା ସଂଶୋଧନ କରିବା ପାଇଁ ସରକାରଙ୍କୁ କ୍ଷମତା ପ୍ରଦାନ କରିବା ।ବର୍ତମାନ ଏହି ନିୟମ ଅନୁଯାୟୀ ସିଧାସଳଖ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ପାଇଁ ଇଣ୍ଡକସନ୍ ତାଲିମ ପାଇଁ ଥିବା ଏକ ବର୍ଷ ଏବଂ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ପାଇଁ ସଂସ୍ଥାଗତ ପ୍ରଶିକ୍ଷଣ ଥିବା ଚାରି ମାସ କୁ ପରିବର୍ତନ କରି ଆବଶ୍ୟକତା ଅନୁଯାୟୀ ପ୍ରଶିକ୍ଷଣ ଅବଧି ନିର୍ଦ୍ଧାରଣ କରିବାକୁ ସରକାରଙ୍କୁ ସକ୍ଷମ କରିବ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରାସଙ୍ଗିକ, ପ୍ରଭାବଶାଳୀ ଏବଂ ବିକଶିତ ସେବା ଆବଶ୍ୟକତା ମହିତ ସମନ୍ୱିତ ରହିବା ସୁନିଶ୍ଚିତ କରି ଅଧିକ ନମନୀୟତା ପ୍ରଦାନ କରିବ ।

# ଖୁବଶୀଘ୍ର ରତ୍ନଭଣ୍ଡାର ଗଣତି ମଣତି

ପୁରୀ, ୨୧।୧୧ (ମହାଭାରତ): ମହାପ୍ରଭୁଙ୍କ ନୀତି କମ୍ ଥିବା ସମୟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ହେବ । ଗଣତି ମଣତି ପୂର୍ବରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ପ୍ରତ୍ୟେକ ରତ୍ନର ଟିକିନିକ୍ ହିସାବ ସହ ଡିଜିଟାଇଜେସନ ହେବ । କିନ୍ତୁ କେବେ ହେବ ତାହା ନିଷ୍ପତି ହୋଇ ନାହିଁ । ବରଂ ଅକ୍ଷୟ ତୃତୀୟା ପୂର୍ବରୁ ସାରିବା ପାଇଁ ପରିଚାଳନା କମିଟି ସଦସ୍ୟ ପ୍ରସ୍ତାବ ଦେଇଛନ୍ତି । ମହାପ୍ରଭୁଙ୍କ ସୁନାବେଶ ପାଇଁ ଆବଶ୍ୟକ ହେଉଥିବା ଅଳଙ୍କାରର ଆଉ ଗୋଟିଏ ସେଟ୍ ପ୍ରସ୍ତୁତ କରାଯିବ । ଗଜପତି ଦିବ୍ୟ ସିଂହଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଥିବା ପରିଚାଳନା କମିଟି ବୈଠକରେ ଆଜି ଏଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଅର୍ଥ ସବ୍ କମିଟି ପ୍ରସ୍ତୁତ କରିଥିବା ୧୦୪ କୋଟିର ବଳକା ବଜେଟ୍‌କୁ ମଧ୍ୟ ଆଜି ପରିଚାଳନା କମିଟି ମୋହର ମାରିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।



ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜିଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢୀ କହିଛନ୍ତି ଯେ, ଆଜି ବୈଠକରେ ମୁଖ୍ୟତଃ ୫ଟି ବିନ୍ଦୁ ଉପରେ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ସେବାୟତ ଗୁରୁକୁଳ ପ୍ରତିଷ୍ଠା ପାଇଁ ଘରୋଇ ସଂସ୍ଥା ସହ ହୋଇଥିବା ବୁଝାମଣା ବାତିଲ୍ ହେବ । ଜମିରୁ ଜବରଦଖଲ ଉଚ୍ଛେଦ ହେବା ସହ ଖୁବ୍‌ଶୀଘ୍ର ପାଚେରି ହେବ । ସେବାୟତ ପେନସନ ରାଶି ବୃଦ୍ଧି କରାଯାଇଛି । ସେବକ ଭତ୍ତା ୪ ହଜାରରୁ ୫ ହଜାର କରାଯାଇଥିବା ବେଳେ ବିବାହ ପାଇଁ କନ୍ୟାମାନଙ୍କୁ ଦିଆଯାଉଥିବା ରାଶି ୫୦ ହଜାରରୁ ୧ ଲକ୍ଷ କରାଯାଇଛି । ବ୍ରତ ପାଇଁ ଦିଆଯାଉଥିବା ୩୦ ହଜାରକୁ ବୃଦ୍ଧି କରାଯାଇ ୪୦ ହଜାର କରାଯାଇଛି ।

ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ପୁରୀରେ ହେଉଥିବା ସ୍ନାନ ପୂର୍ଣ୍ଣିମା ଦିନ ହିଁ ଇସ୍କନ୍ ସ୍ନାନ ପୂର୍ଣ୍ଣିମା କରିବାକୁ ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରଥଯାତ୍ରାକୁ ମନଇଚ୍ଛା କରୁଛି । ଏଥିରେ ତୁରନ୍ତ କଟକଣା ପାଇଁ କମିଟି ପ୍ରସ୍ତାବ ଦେଇଛି । ବିଭିନ୍ନ ଶଙ୍କରାଚାର୍ଯ୍ୟମାନଙ୍କଠାରୁ ପ୍ରସ୍ତାବ ଗ୍ରହଣ କରାଯିବା ପରେ କଠୋର ପଦକ୍ଷେପ ନିଆଯିବ ।

ପୁରୀବାସୀଙ୍କ ସୁବିଧା ଦର୍ଶନ ଓ ପ୍ରବେଶ ପାଇଁ 'ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ'ର ବିଭିନ୍ନ ପ୍ରସ୍ତାବ ଉପରେ ଆଜି କମିଟି ଆଲୋଚନା କରିଛି । ଅନ୍ୟ ଭକ୍ତମାନେ ଯେଭଳି ପ୍ରଭାବିତ ହେବେନି, କି ପ୍ରକାରର ପରିଚୟ ପତ୍ର ବ୍ୟବସ୍ଥା କଲେ ପରିଚୟପତ୍ରର ଦୁରୁପଯୋଗ ହେବ ନାହିଁ, ବିଭିନ୍ନ ଦିଗରୁ ସେବାୟତଙ୍କ ସହ ଆଲୋଚନା କରି ଏସପି ଓ ଜିଲ୍ଲାପାଳ ଏକ ଏସଓପି ପ୍ରସ୍ତୁତ କରିବେ । ଏହା ପରେ ଠୋସ୍ ନିଷ୍ପତି ନିଆଯିବ । ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆଇନ୍‌ରେ ସଂଶୋଧନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସରକାରଙ୍କୁ ଚିଠି ଲେଖିଛନ୍ତି ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ପ୍ୟାକ୍ସ ସମ୍ପାଦକ

ଦେବଗଡ଼, ୨୧।୧୧ (ମହାଭାରତ): ଜଣେ ସମବାୟ ସମିତିର ସମ୍ପାଦକ ଚାଷୀଙ୍କ ଲକ୍ଷ ଲକ୍ଷ ଟଙ୍କା ଚଲୁ କରିଦେଇଛନ୍ତି । ଦେବଗଡ଼ ଜିଲ୍ଲା କାଦୋପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କ ନାଁରେ ଆସିଛି ଏଭଳି ସଙ୍ଗୀନ ଅଭିଯୋଗ । ପ୍ୟାକ୍ସ ସମ୍ପାଦକ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ବନ୍ଧା ହୋଇଛନ୍ତି । ପ୍ୟାକ୍ସ ସମ୍ପାଦକ ସୁରେନ୍ଦ୍ର ଚନ୍ଦ୍ର ସାହୁ ସରକାରୀ ଆକାଉଣ୍ଟିଂ ରେକର୍ଡକୁ ହେରଫେର କରି ଚାଷୀଙ୍କ ଋଣ ପରିଶୋଧ ଟଙ୍କା ହଡ଼ପ କରି ନିଜ ପକେଟରେ ପୁରାଇଛନ୍ତି । ପ୍ୟାକ୍ସ ଡେ ବୁକକୁ ଉଦ୍ଦେଶ୍ୟମୂଳକ ଭାବେ ହେରଫେର କରିଛନ୍ତି । ଏହା ପରେ ଋଣଗ୍ରହୀତା ଚାଷୀମାନଙ୍କ ଦ୍ୱାରା ଫେରସ୍ତ ଋଣ ପରିମାଣର ବିବରଣୀ ସରକାରୀ ରେକର୍ଡରେ ଉପସ୍ଥାପନ କରି ନାହାଁନ୍ତି । ଏପରି କରି ପ୍ରାୟ ୪୦ ଲକ୍ଷ ୭୧ ହଜାର ୬୪୪ ଟଙ୍କା (୪୦,୭୧,୬୪୪ ଟ.) ଆତ୍ମସାତ କରିଛନ୍ତି । ରାଉରକେଲା ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ପଞ୍ଜିକୃତ ହୋଇଥିଲା ଆଜି ଆନୁଷ୍ଠାନିକ ଗିରଫଦାରୀ ପରେ ସୁରେଶ ଚନ୍ଦ୍ର ସାହୁଙ୍କୁ ସମ୍ବଲପୁରର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି ।

## ହତ୍ୟା ଘଟଣାରେ ରିମାଣ୍ଡରେ ଆଣି ଜେରା

ଗଂଜାମ, ୨୧।୧୧ (ମହାଭାରତ): ବ୍ରହ୍ମପୁରର ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ଜଡିତ ହୋଇ ଜେଲରେ ଥିବା କୁରୁପତି ଭୂୟାଁ, ଉମା ବିଷୋୟୀ ବିଷ୍ଣୁ ପ୍ରଧାନ ଓ ଯୋଗୀ ରାଉତକୁ ବ୍ରହ୍ମପୁର ପୁଲିସ୍ ପୁଣି ଆଜି ଦୁଇ ଦିନିଆ ରିମାଣ୍ଡରରେ ଆଣି ମୁହାଁମୁହିଁ ଜେରା ଆରମ୍ଭ କରି ସତ ଓଗାଳିବାକୁ ଚେଷ୍ଟା କରୁଛନ୍ତି ।

# ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୧।୧୧ (ମହାଭାରତ): ବିହାର ବିଧାନସଭା ନିର୍ବାଚନରେ ଏନଡ଼ିଏ ମେଣ୍ଟର ଐତିହାସିକ ବିଜୟ ପରେ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରର ବିମାନବନ୍ଦରରେ ଉଚ୍ଛସ୍ୱିତ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଜନସାଧାରଣ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରିଛନ୍ତି ।

## ବିହାର ବିଜୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି - ଧର୍ମେନ୍ଦ୍ର



ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିହାରରେ ଏନଡ଼ିଏ ମେଂଟର ଅଭୁତପୂର୍ବ ବିଜୟ ପାଇଁ ବିହାରର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟର କଳ୍ପନା କରିଛନ୍ତି । କାରଣ, ପୂର୍ବ ଭାରତର ବିକାଶ ନହେଲେ ଭାରତର ବିକାଶ ହେବ ନାହିଁ । ବିହାରରେ ପୁଣି ଥରେ ଏନଡ଼ିଏ ପାର୍ଟି ସେବାର ଅବସର ପାଇବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି । ଆଜି ଦେଶରେ ଏକ କଲ୍ୟାଣକାରୀ ଶାସନ ପ୍ରଣାଳୀ ଚଲାଇଥିବାରୁ ପ୍ରଧାନମନ୍ତ୍ରୀ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି । କଂଗ୍ରେସର ଦେଶକୁ ବିଭାଜନ କରିବାର ଯେଉଁ ନକରାତ୍ମକ ରାଜନୀତି ଅଛି, ଏହାକୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଛନ୍ତି । ଅପରପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବହୁତ ବଡ ବ୍ୟବଧାନରେ ବିଜୟ ହୋଇଥିବାରୁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଏକ ରଙ୍ଗୀନ ପରିବେଶ ସୃଷ୍ଟି ହୋଇଥିଲା । କଳାକାରମାନେ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଘଣ୍ଟ, ଶଙ୍ଖ ଓ ମୃଦଙ୍ଗର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଫୁଲମାଳ, ଉଲ୍ଲାସପୂର୍ଣ୍ଣ ଜୟଧ୍ୱନି ଏବଂ ପଟୁଆରରେ ବିମାନବନ୍ଦର ଅଞ୍ଚଳ ଦୁଲୁକି ଉଠିଥିଲା । ଏହାବ୍ୟତୀତ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧାସଳଖ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ ।

## ଥାନାକୁ ଗଲା ହ୍ୟୁମାନ ସାଗର ମୃତ୍ୟୁ ମାମଲା

# ଦୁଇ ମ୍ୟାନେଜର ନାଁରେ ଏତଲା

ଭୁବନେଶ୍ୱର/ ବଲାଙ୍ଗୀର, ୨୧।୧୧ (ମହାଭାରତ): ହ୍ୟୁମାନଙ୍କ ଦୁଇ ଜଣ ମ୍ୟାନେଜରଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି । ମ୍ୟାନେଜର ଦିନେଶ ବେହେରା ଓ ପ୍ରଶାନ୍ତ ବେହେରାଙ୍କ ନାଁରେ ବଲାଙ୍ଗୀର ଟାଉନ ଥାନାରେ ଏତଲା ଦିଆଯାଇଥିବା ସୂଚନା ମିଳିଛି । ଏତଲାରେ କୁହାଯାଇଛି ଯେ ଷଡଯନ୍ତ୍ର କରି ହ୍ୟୁମାନଙ୍କୁ ମାରି ଦିଆଯାଇଛି । ବଲାଙ୍ଗୀରର ବିଭିନ୍ନ ସଂଗଠନ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ଏପରିକି ତଦନ୍ତ କରାଯାଇ ହ୍ୟୁମାନଙ୍କ ମୃତ୍ୟୁ ପଛରେ ଥିବା ଖଳନାୟକଙ୍କୁ ଧରାଯାଇ ଉପଯୁକ୍ତ ଦଣ୍ଡ ଦେବାକୁ ଏତଲାରେ କୁହାଯାଇଛି । ହ୍ୟୁମାନଙ୍କ





ମା'ଙ୍କୁ ଦୁର୍ବ୍ୟବହାର ନେଇ ମଧ୍ୟ ଅଭିଯୋଗ ହୋଇଛି । କୋଶଳ ମୁକ୍ତିମୋର୍ଚ୍ଚାର ସାଧାରଣ ସଂପାଦକ ସିପୁନ ଖମାରୀ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ହ୍ୟୁମାନ୍ ସାଗରଙ୍କ ମ୍ୟାନେଜରଙ୍କ ନାଆଁରେ ବଲାଙ୍ଗୀର ଟାଉନ୍ ଥାନାରେ ଏତଲା ଦିଆଯାଇଛି । ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି ହୋଇଛି ।

ଏହା ପୂର୍ବରୁ ହ୍ୟୁମାନଙ୍କ ମାଆ । ବିସ୍ଫୋରକ ବୟାନ ଦେଇ କହିଥିଲେ ହ୍ୟୁମାନଙ୍କ ମୃତ୍ୟୁ ପାଇଁ ୩ ଜଣ ଦାୟୀ । ଜଣେ ମହିଳାଙ୍କ ସହ ଅନ୍ୟ ଦୁଇ ଯୁବକଙ୍କ ନାଁ ନେଇଥିଲେ । ହ୍ୟୁମାନଙ୍କ ମାଆ ପପୁ, ପ୍ରଶାନ୍ତ, ଅର୍ପିତା ଚୌଧୁରୀ ମୋ ପୁଅର ଜୀବନ ନେଇଛନ୍ତି । ଅର୍ପିତା ମୋ ପୁଅକୁ ଧୋକା ଦେଇଛି । ମାନସିକ ବିଷାଦ ଭିତରେ ରହୁଥିଲା ମୋ ପୁଅ । କାଲି ଆଇସିୟୁକୁ ଆସିଥିଲେ ଏମାନେ । ମୋ ପୁଅକୁ ଅର୍ପିତା ମାରିଛି ବୋଲି ଅଭିଯୋଗ କରିଥିଲେ ହ୍ୟୁମାନଙ୍କ ମାଆ ।

## ଗୁମର ଖୋଲିଲେ ଆଙ୍କର

ଭୁବନେଶ୍ୱର, ୨୧।୧୧ : ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଦେହାନ୍ତ ପରେ ଅନେକ ବାଦ ବିବାଦ ଲାଗି ରହିଛି । ତାଙ୍କ ସହ କାମ କରୁଥିବା ଆଙ୍କର ଲିଜା ଦାସ ସେ କହିଛନ୍ତି, ହ୍ୟୁମାନଙ୍କ ସହ



କଥା କରେଇ ଦେଉନଥିଲେ ଟିମ ମେମ୍ବର । ହ୍ୟୁମାନଙ୍କୁ ସେମାନେ କବଜା କରି ରଖିଥିଲେ । ମାଙ୍କୁ ଗାଳିଦେଇଥିବା ପିଲାଙ୍କୁ ଗିରଫ କରିବା କଥା ତା ସହ ସେମାନଙ୍କ ଲାଗି ମୋତେ ଅନେକ ପ୍ରୋଗ୍ରାମ କ୍ୟାନସେଲ୍ କରିବାକୁ ପଡ଼ିଛି । ମୋତେ ନ ଜଣେଇକି ଟିମ୍‌ରୁ କାଢ଼ି ଦେଇଛନ୍ତି । ହ୍ୟୁମାନଙ୍କର ଯେତେବେଳେ ପ୍ରୋଗ୍ରାମ ହେବ, ଗ୍ରିନ୍‌ରୁମ୍‌ରେ କାହାକୁ ତାଙ୍କ ସହ କଥା କରିବାକୁ ଦିଆଯାଏନି । ତାଙ୍କୁ ବାଲେଶ୍ୱରିଆ । ଟିମ୍ କବ୍‌ଜା କରିଥିଲେ । ହ୍ୟୁମାନଙ୍କ ସହ କାହାକୁ କଥା ହେବାକୁ ଦେଉ ନ ଥିଲେ । ହ୍ୟୁମାନ ମୋ ପ୍ରଶଂସା କଲା ପରେ ଚକ୍ରାନ୍ତ କରି ମୋତେ ଟିମ୍‌ରୁ କାଢ଼ିଦେଲେ ବୋଲି ଏମିତି ବଡ କଥା କହିଛନ୍ତି ଆଙ୍କର ।

## ତେଜସ ଦୁର୍ଘଟଣାଗ୍ରସ୍ତ, ପାଇଲଟ ମୃତ

ନୂଆଦିଲ୍ଲୀ, ୨୧।୧୧ : ଶୁକ୍ରବାର (୨୧ ନଭେମ୍ବର, ୨୦୨୫) ଦୁବାଇ ଏୟାର ଶୋ'ରେ ଏକ ବଡ଼ ଅଘଟଣ ଘଟିଛି । ସେଠାରେ ଚାଲିଥିବା ପ୍ରଦର୍ଶନୀ ସମୟରେ ଏକ ଭାରତୀୟ ତେଜସ୍ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି । ପାଇଲଟ୍ ବାହାରକୁ ବାହାରି ଆସିଥିଲେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଭିଡିଓରେ ଦେଖାଯାଉଛି ଯେ ତେଜସ୍ ଜେଟ୍ ଆକାଶରେ ବିମାନ ଖେଳୁଛି ଏବଂ ହଠାତ୍ ତଳକୁ ଖସିପଡୁଛି ଓ ଏକ ବଡ଼ ବିସ୍ଫୋରଣ ହେଉଛି । ଏହାକୁ ଦେଖି ଦର୍ଶକମାନେ ସ୍ତବ୍ଧ ହୋଇଯାଇଥିଲେ ।

ଚିନ୍ତାଜନକ କଥା ହେଉଛି ପାଇଲଟ ଏହି ଦୁର୍ଘଟଣାପୂର୍ବରୁ ବାହାରି ଆସିଛନ୍ତି କି ନା ତାହା ସ୍ପଷ୍ଟ ହୋଇନାହିଁ । ଭିଡିଓରେ ମଧ୍ୟ ପାଇଲଟ ବାହାରି ଆସିଥିବା ଦେଖାଯାଉନାହିଁ । ତେବେ ଏ ନେଇ ହାଲ୍ କିମ୍ବା ଭାରତୀୟ ବାୟୁସେନା ପକ୍ଷରୁ କୌଣସି ଅପଡେଟ୍ ଦିଆଯାଇନାହିଁ । ସ୍ଥାନୀୟ ସମୟ ଅନୁସାରେ ଅପରାହ୍ନ ୨:୧୦ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା, ଯେତେବେଳେ ହଜାର ହଜାର ଦର୍ଶକ ବିମାନର ଏରୋବାଟିକ୍ସ ଦେଖୁଥିଲେ । ଆକାଶରେ ଗତି କରୁଥିବା ସମୟରେ, ପାଇଲଟ୍ ହଠାତ୍ ବିମାନ ଉପରୁ ନିୟନ୍ତ୍ରଣ ହରାଇଲେ, ଯାହା ଫଳରେ ଏହା ଭୂମିରେ ଖସିପଡ଼ିଥିଲା । ଦୁର୍ଘଟଣା ପରେ, ଦୁବାଇ ଏୟାର ସୋ କୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି । ତେଜସ୍ ହେଉଛି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ଦ୍ୱାରା ନିର୍ମିତ ଏକ ୪.୫ -ପିଢ଼ିର ମଲ୍‌ଟିରୋଲ୍ ଯୁଦ୍ଧ ବିମାନ ଯାହା ବାୟୁ-ପ୍ରତିରକ୍ଷା ମିଶନ, ଆକ୍ରମଣାତ୍ମକ ବାୟୁ ସମର୍ଥନ ଏବଂ ନିକଟ ଯୁଦ୍ଧ କାର୍ଯ୍ୟ ସମ୍ପାଦନ କରିଥାଏ ।

## ଏସ୍‌ଆଇ ସ୍କାମ୍‌ରେ ୪ ଜଣଙ୍କୁ ସିବିଆଇର ଜେରା

ବ୍ରହ୍ମପୁର, ୨୧।୧୧ (ମହାଭାରତ): ଏସ୍‌ଆଇ ପରୀକ୍ଷାରେ ଅନିୟମିତତା ଘଟଣାର ସିବିଆଇ ତଦନ୍ତ ଆରମ୍ଭ ହୋଇଛି । ସିବିଆଇ ପକ୍ଷରୁ ୪ ଜଣଙ୍କୁ ପଚର ଉଚର କରାଯାଉଥିବା ସୂଚନ ମିଳିଛି । ୩ ପରୀକ୍ଷାର୍ଥୀଙ୍କ ସମେତ ୪ ଜଣଙ୍କୁ ସିବିଆଇ ପକ୍ଷରୁ ଜେରା କରାଯାଉଛି । ଏମାନଙ୍କୁ ସିବିଆଇ ପକ୍ଷରୁ ସମନ କରାଯାଥିଲା ।ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଏମନଙ୍କୁ ଗିରଫ କରିଥିଲେ । ।

# କଂଗ୍ରେସରେ କଥା କଟାକଟି

ଭୁବନେଶ୍ୱର, ୨୧।୧୧ (ମହାଭାରତ): ପୁଣି ରାଜ୍ୟ କଂଗ୍ରେସର ପୁରୁଣା ଖୋଇ ଆରମ୍ଭ ହୋଇଛି । କିଛିଦିନ ପରେ ଦଳୀୟ କନ୍ଦଳ ଦେଖିବାକୁ ମିଳିଛି । କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ ପିସିସି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସରେ ବିଭୀଷଣ ଥିବା ମନ୍ତବ୍ୟ ଦେଇଥିଲେ । କଂଗ୍ରେସ ମୁଖିଆଙ୍କ ବିଭୀଷଣ ମନ୍ତବ୍ୟକୁ ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ ନାପସନ୍ଦ କରିଛନ୍ତି । ପିସିସି ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୋକିମ ଶୃଙ୍ଖଳା କମିଟିକୁ ଚିଠି ଲେଖିଛନ୍ତି । ଏହାକୁ ନେଇ ଦଳରେ ଆରମ୍ଭ ହୋଇଛି କନ୍ଦଳ । ଆଜି ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭକ୍ତଙ୍କୁ ଘେରିଛନ୍ତି ।



ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହାରିବା ପରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପିସିସି ସଭାପତି ଶ୍ରୀ ଦାସ ବିଜେଡି ଓ ବିଜେପି ପରି କଂଗ୍ରେସରେ କିଛି ବିଭୀଷଣ ଥିବା ଗଣମାଧ୍ୟମକୁ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟକୁ କିଛି ବରିଷ୍ଠ ନେତା ଗ୍ରହଣ କରିଥିବା ବେଳେ ଆଉ କିଛି ନେତା ଗ୍ରହଣ କରିବାକୁ ନାରାଜି । ପିସିସି ସଭାପତି ପଦରେ ରହି ଏଭଳି ମନ୍ତବ୍ୟ ଠିକ୍ ନୁହେଁ ବୋଲି ଅଭିଯୋଗ ଆସିଛି । ଏନେଇ ମହମ୍ମଦ ମୋକିମ ଶୃଙ୍ଖଳା କମିଟିର ଦ୍ୱାରସ୍ଥ ହୋଇଛନ୍ତି । ମୋକିମ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ, ନୂଆପଡ଼ାରେ ବିଜେପି ପ୍ରାର୍ଥୀଙ୍କଠାରୁ କଂଗ୍ରେସ ପ୍ରାର୍ଥୀ ବହୁ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ଏଥିପାଇଁ ପିସିସି ସଭାପତି ନିଜକୁ ଦାୟୀ କରିବାର ଆବଶ୍ୟକତା ରହିଛି । ଅଥଚ ଶ୍ରୀ ଦାସ ବିନା ତଥ୍ୟ ଆଧାରରେ ମୋତେ ନେଇ ବିଭୀଷଣ ମନ୍ତବ୍ୟ ଦେଇଥିବା କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ବିନା ତଥ୍ୟରେ ଏଭଳି ମନ୍ତବ୍ୟ ଠିକ ନୁହେଁ । ବିଭୀଷଣକୁ ନେଇ ଦଳରେ ବିଶୃଙ୍ଖଳା ତେଜିଥିବା ବେଳେ ପୂର୍ବତନ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି, ଦଳରେ ଯଦି ବିଭୀଷଣ ଅଛନ୍ତି ତେବେ ରାବଣ କିଏ ବିଭୀଷଣ ଯଦି ଚିହ୍ନଟ ହେବେ ।ତେବେ ରାବଣ ଚିହ୍ନଟ ହେବା ଦରକାର । ଘର ଠିକ୍ ନଥାଇ ବାହାର ଲୋକଙ୍କୁ ଦାୟୀ କରିବା ଠିକ୍ ନୁହେଁ । ଦଳୀୟ ନେତାଙ୍କ କଣ ଭୁଲ ଅଛି ତାହା ଆଗେ ଜାଣିବା କଥା । ବଡ଼ ଠାରୁ ଛୋଟ ନେତା ସମସ୍ତେ ଜାଣିବା ଦରକାର ଯଦି କିଏ ବିଭୀଷଣ ଥାଆନ୍ତି ପିସିସି ସଭାପତି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ନହେଲେ ଦଳରେ ଶୃଙ୍ଖଳା ରହିବ ନାହିଁ ନୂଆପଡ଼ା ସହ କଟକ ହିଂସାକୁ ଯୋଡ଼ିବା ଉଚିତ ନୁହେଁ କଂଗ୍ରେସ ଏକ ଧର୍ମନିରପେକ୍ଷ ଦଳ ପିସିସି ସଭାପତି ପରିଶ୍ରମ କଲେ, ଆମେ ମଧ୍ୟ ନୂଆପଡ଼ା ଗଲୁ, ହେଲେ କଂଗ୍ରେସର ପରାଜୟ ହେଲା କାହିଁକି ତାହାର ସମୀକ୍ଷା ହେବା ଆବଶ୍ୟକ ସଭାପତି କଂଗ୍ରେସକୁ ମଜଭୁତ କରିବା ପାଇଁ ଉଦ୍ୟମ କରୁଛନ୍ତି; କିନ୍ତୁ ସଫଳ ହୋଇନାହାନ୍ତି ।

ତୃଣମୂଳସ୍ତରରୁ ଦୁର୍ବଳ ଅଛୁ ବୋଲି ତାହାର ପରିଣାମ ଆମେ ଭୋଗିଲୁ ବାଦ ବିବାଦ କଂଗ୍ରେସ ପାଇଁ କିଛି ନୂଆ । ନୁହେଁ ବୋଲି ସେ କହିଛନ୍ତି ।

ମୋକିମଙ୍କ ଚିଠି ଉପରେ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀ କହିଛନ୍ତି, ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ ଯେଉଁ ଚିଠି ଲେଖିଛନ୍ତି ।ସେହି ଚିଠିର କୌଣସି ମୂଲ୍ୟନାହିଁ ଗଣମାଧ୍ୟମକୁ ପିସିସି ସଭାପତି ଶ୍ରୀ ଦାସ କାହାର ନାମ ନେଇ ବିଭୀଷଣ ମନ୍ତବ୍ୟ ଦେଇନାହାନ୍ତି ବରଂ ବିଜେଡି ଓ ବିଜେପି ଦଳରେ ଯେଉଁଭଳି ଭାବେ ବିଭୀଷଣ ଅଛନ୍ତି । କଂଗ୍ରେସରେ ମଧ୍ୟ କିଛି ବିଭୀଷଣ ଅଛନ୍ତି ବୋଲି କହିଥିଲେ । କିଏ ବିଭୀଷଣ ନୂଆପଡ଼ା ଉପନିର୍ବାଚନ ପରାଜୟ ସମୀକ୍ଷାରେ ଖୋଜାଯିବ । ଯିଏ ବି ବିଭୀଷଣ ଥାନ୍ତୁ ଜଣ ଜଣ କରି ଖୋଜି ବାହାର କରାଯିବ ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପିସିସି ସଭାପତି ମହମ୍ମଦ ମୋକିମଙ୍କ ନାମ ନେଇ ବିଭୀଷଣ ମନ୍ତବ୍ୟ ଦେଇନାହାନ୍ତି କୌଣସି ଗଣମାଧ୍ୟମରେ କଣ ପ୍ରକାଶ ପାଇଲା ତାକୁ ନେଇ ପିସିସି ସଭାପତିଙ୍କ ବିରୋଧରେ ଚିଠି ଲେଖିବାର କୌଣସି ମୂଲ୍ୟନାହିଁ ।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



## ଖବର

# ମିସ୍ ୟୁନିଭର୍ସ ୨୦୨୫ ଟାଇଟଲ ବିଜୟ ମୁକୁଟ ପିନ୍ଧିଲେ ମେକ୍ସିକୋ ସୁନ୍ଦରୀ ଫାତିମା ବୋଶ



ମିସ୍ ୟୁନିଭର୍ସ ୨୦୨୫ ଟାଇଟେଲ ଜିତିଛନ୍ତି ମେକ୍ସିକୋ ସୁନ୍ଦରୀ ଫାତିମା ବୋଶ୍ । ଯଦିଓ ମନିକା ବିଶ୍ୱକର୍ମା ଶ୍ରେଷ୍ଠ ୧୨ ସ୍ଥାନ ପାଇପାରିନଥିଲେ, ତଥାପି ତାଙ୍କ ଲୁକ୍ ଏବଂ ଇ□ଲିଜେନ୍ସିକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା । ଏହି ବର୍ଷ ମିସ୍ ୟୁନିଭର୍ସ ୨୦୨୫ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ହୋଇଥିଲା ଯଥାଇଲ୍ୟାଣ୍ଡର କ□ଷ୍ଟା□ ପ୍ରବୀଣର ସିଂ ମିସ୍ ୟୁନିଭର୍ସର ପ୍ରଥମ ରନର୍ସଅପ୍ ହୋଇଥିଲେ । ଭେନୁଜୁଏଲା ୨ୟ ରନର୍ସଅପ୍ ଏବଂ ଫିଲିପାଇନ୍ସ ୩ ରନର୍ସଅପ୍ ହୋଇଥିଲେ । ଭାରତର ୨୨ ବର୍ଷୀୟା ମନିକା ବିଶ୍ୱକର୍ମା ବିଭିନ୍ନ ଦେଶର ୧୦୦ରୁ ଅଧିକ ସୁନ୍ଦରୀଙ୍କ ସହ ପ୍ରତିଯୋଗିତା କରି ସେ ଶ୍ରେଷ୍ଠ ୩୦ ସ୍ଥାନରେ ପହଞ୍ଚିପାରିଥିଲେ ।ଯଦି ମିସ୍ ୟୁନିଭର୍ସ ୨୦୨୫ର ଫାଇନାଲିଷ୍ଟମାନଙ୍କ ମଧ୍ୟରେ ଚିଲି, କଲମ୍ବିଆ,କ୍ୟୁବା, ଗୁଆଡେଲୁପ୍, ମେକ୍ସିକୋ,ପୁଏର୍ଟୋ ରିକୋ,ଭେନେଜୁଏଲା, ଚୀନ, ଫିଲିପାଇନ୍ସ,ଥାଇଲ୍ୟାଣ୍ଡ,ମାଲ୍ଟା ଏବଂ କୋଟ୍ ଡି'ଆଇଭୋରର ସୁନ୍ଦରୀମାନେ ଏଥିରେ ସାମିଲ ଥିଲେ ।ମିସ୍ ୟୁନିଭର୍ସ ୨୦୨୪ ଭିକ୍ଟୋରିଆ କେଜର ଥେଲଭିଗ୍ ମିସ୍ ୟୁନିଭର୍ସ ୨୦୨୫ର ବିଜେତା ଫାତିମାଙ୍କୁ ମୁକୁଟ ପିନ୍ଧାଇଥିଲେ । ମିସ୍ ୟୁନିଭର୍ସ ସଂଗଠନ ବିଶ୍ୱବ୍ୟାପୀ ମହିଳାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ଯାହା ପ୍ରତିଯୋଗୀମାନଙ୍କ ମଧ୍ୟରେ ନେତୃତ୍ୱ, ଶିକ୍ଷା, ସାମାଜିକ

## ଏହି ନାମର ବ୍ୟକ୍ତିଙ୍କୁ ମିଳି ନଥାଏ ପ୍ରକୃତ ପ୍ରେମ

ପ୍ରାୟତଃ ଦେଖାଯାଏ ନିଜର ସ୍ୱଭାବ ଯୋଗୁଁ ପ୍ରକୃତ ପ୍ରେମକୁ ହରାଇବସିଥାଉ। ଯାହାକି ପୂରା ଜୀବନକୁ ପ୍ରଭାବିତକରିଥାଏ। ତେବେ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତି ତାଙ୍କର ପ୍ରକୃତ ପ୍ରେମକୁ ହାରାଇବସିଥାନ୍ତି। ଏହି ତିନି ଅକ୍ଷରରୁ ନାଁ ଆରମ୍ଭ ହେଉଁଥିବା ବ୍ୟକ୍ତିଙ୍କୁ ମିଳି ନଥାଏ ପ୍ରକୃତ ପ୍ରେମ। ଜାଣନ୍ତୁ ଏହି ଅକ୍ଷର ବିଷୟରେ।

'ଏ'ଅକ୍ଷରରେ ଥିବା ବ୍ୟକ୍ତି : ଏ ଅକ୍ଷରରେ ନାମ ଆରମ୍ଭ ହେଉଥିବା ବ୍ୟକ୍ତି ବହୁତ ଚତୁର ହୋଇଥାନ୍ତି। ଏହି ବ୍ୟକ୍ତି ମାନଙ୍କୁ ଜୀବନରେ ଅନେକ ସଫଳତା ମିଳିଥାଏ। କିନ୍ତୁ ଲୋକମାନେ ଏହି ବ୍ୟକ୍ତିଙ୍କୁ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରିଥାନ୍ତି। କାମ ସରିଗଲା ପରେ ସହଜରେ ଧୋକା ଦେଇ ଦିଅନ୍ତି।

'ପି' ଅକ୍ଷରରେ ଥିବା ବ୍ୟକ୍ତି: ଏହି ଅକ୍ଷରର ବ୍ୟକ୍ତି ମାନେ ସରଳ ହୋଇଥାନ୍ତି। ଯାହାର ଫାଇଦା ଲୋକ ମାନେ ଉଠାନ୍ତି ଏବଂ ପରେ ସେମାନଙ୍କୁ ଦୁଃଖ ଦିଅନ୍ତି। ଏହି ବ୍ୟକ୍ତି ମାନେ ନିଜ ପାର୍ଟନରଙ୍କ କଥାକୁ ଇଗନୋର କରିଥାନ୍ତି। ଯାହା ଦ୍ୱାରା ନିଜର ପ୍ରକୃତ ପ୍ରେମକୁ ହରାଇଥାନ୍ତି।

'ଏସ'ଅକ୍ଷରରେ ଥିବା ବ୍ୟକ୍ତି: ଏହି ଅକ୍ଷରର ବ୍ୟକ୍ତି ମାନେ ନିଜର ଜୀବନସାଥୀ ପାଇଁ ଉତ୍ସୁଗ ଥାନ୍ତି। ଯାହାର ଫାଇଦା ଲେକେ ବେଶ ଉଠାନ୍ତି। ଏହି ଅକ୍ଷରର ବ୍ୟକ୍ତି ମାନେ ଜୀବନରେ ଅନେକ ସଫଳତା ପାଇଥାନ୍ତି ହେଲେ ପ୍ରେମ ଜନିତ ପ୍ରସଙ୍ଗରେ ଏମାନେ ବେଶ ପଛରେ ଥାନ୍ତି। ଯାହା ଫଳରେ ଏମାନଙ୍କୁ ନିଜର ପ୍ରକୃତ ପ୍ରେମ ମିଳିନଥାଏ।



## ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର

ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ



ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# ଆଙ୍ଗୁଠି କଳାପଣ ଦୂର କରିବାକୁ ଆପଣାନ୍ତୁ ଏହି ଟିପ୍ସ



ଆପଣଙ୍କ ଆଙ୍ଗୁଠି ସୁନ୍ଦର ଦେଖାଗଲେ ଆପଣଙ୍କ ହାତ ମଧ୍ୟ ସୁନ୍ଦର ଦେଖାଯାଏ । ଯଦି ଆପଣଙ୍କ ଆଙ୍ଗୁଠି କଳା ଦେଖାଯାଏ ତେବେ ଆପଣ ଯେତେ ମହଙ୍ଗା ଜୁଏଲାରୀ ପିନ୍ଧନ୍ତୁ ନା କାହିଁକି, ସବୁ ଫିକା ଦେଖାଯାଏ । ଆଙ୍ଗୁଠି କଳା ଦେଖାଯିବା ଏକ ସାଧାରଣ ସମସ୍ୟା । ଏପରି କେତେକ ଘରୋଇ ଉପାୟ ରହିଛି, ଯାହାକୁ ବ୍ୟବହାର କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

ବାଦାମ ତେଲ : ରାତିରେ ଶୋଇବା ପୂର୍ବରୁ କିଛି ବାଦାମ ତେଲକୁ ଗୋଲାପ ଜଳରେ ମିଶାଇ ହାତ ଏବଂ ଆଙ୍ଗୁଠିରେ ମସାଜ କରନ୍ତୁ । ପରେ ଏହାକୁ ଅଳ୍ପ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏପରି ସପ୍ତାହକୁ ଦୁଇଥର କରନ୍ତୁ ।

ଲେମ୍ବୁ ଏବଂ ମହୁ : ଲେମ୍ବୁ ରସରେ ଅଳ୍ପ ମହୁ ମିଶାଇ ଆଙ୍ଗୁଠିରେ ଲଗାନ୍ତୁ । ଫଳରେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇବେ ।

ବେକିଂ ସୋଡା : ଏକ ଚାମଚ ବେକିଂ ସୋଡାକୁ ଗରମ ପାଣିରେ ମିଶାଇ ଦିଅନ୍ତୁ। ଏବେ ଏହି ପାଣିରେ ୧୫ ମିନିଟ୍ ହାତକୁ ବୁଡାଇ ରଖନ୍ତୁ । ତା' ପରେ ହାତକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୨ କିମ୍ବା ୩ ଥର ଏପରି କରନ୍ତୁ ।

ବେସନ : ଅଧା ଚାମଚ ବେସନରେ ଏକ ଚାମଚ ପାଣି ମିଶାନ୍ତୁ। ଏହି ପେଷ୍ଟକୁ ଆଙ୍ଗୁଠିରେ ମସାଜ କରନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଶୁଖିବାକୁ ଦିଅନ୍ତୁ ଏବଂ ପରେ ରଗଡି କରି ସଫା କରିଦିଅନ୍ତୁ। ପରେ ହାତକୁ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏହି ଉପାୟକୁ ସପ୍ତାହକୁ ୨ରୁ ୩ ଥର କରନ୍ତୁ ।

ଟମାଟର ଏବଂ ଲେମ୍ବୁ : ତ୍ୱଚାକୁ ଚମକ କରିବା ପାଇଁ ଟମାଟର ଏବଂ ଲେମ୍ବୁ ବଡ କାମରେ ରହିଥାଏ । ଏହା ବ୍ଲିଚିଂ ଏଜେଣ୍ଟ ଭାବେ କାମ କରିଥାଏ । ଯାହା ସ୍କିନକୁ ସଫା କରି ଗୋରା କରିଥାଏ। ଆପଣ ପ୍ରତିଦିନ ଏକ ଛୋଟ ଟମାଟ କିମ୍ବା ଲେମ୍ବୁ ଖଣ୍ଡ ହାତରେ ଘସିପାରିବେ ।



# ବାସ୍ତୁ ଉପଯୋଗୀ ଗୃହ

ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା' ପାଇଁ କିଛି ନିର୍ଦ୍ଧିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେଉଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ।



ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟାଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟାଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ।

ଆମେ ନିତିଦିନିଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ।

# ଓଡ଼ିଶାର ସହରାଂଚଳର ପ୍ରମୁଖ ପଦକ୍ଷେପ ପରିଦର୍ଶନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୧।୧୧(ମହାଭାରତ): ବିଶ୍ୱବ୍ୟାଙ୍କର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଅଧୀନରେ ଓଡ଼ିଶାର ପ୍ରମୁଖ ସହରାଞ୍ଚଳ ବିକାଶ ପଦକ୍ଷେପକୁ ଅନୁଧ୍ୟାନ କରିଛନ୍ତି । କ୍ଷେତ୍ରକୁ ଯାଇ ପରିଦର୍ଶନ ପୂର୍ବରୁ ଖାରବେଳ ଭାବନରେ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପକ୍ଷରୁ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରାଯାଇଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଓଡ଼ିଶାର ସହରୀକରଣ ଓ ବିକାଶ ରୋଡମ୍ୟାପ୍ ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ, ଯେଉଁଥିରେ ଜଳ ଯୋଗାଣ, ପରିମଳ, ସହରାଞ୍ଚଳ ଗତିଶୀଳତା, ସୁଲଭ ଆବାସ ଏବଂ ନାଗରିକ କେନ୍ଦ୍ରୀତ ଶାସନର ଅଗ୍ରଗତି ଉପରେ ଆଲୋକପାତ କରାଯାଇଥିଲା।

ପରିଦର୍ଶନକାରୀ ଦଳ ମଧ୍ୟରେ ମିଷ୍ଟର୍ ଯୋହାନ୍ସ ଜୁଟ୍ (ଆଂଚଳିକ ଉପାଧ୍ୟକ୍ଷ), ମିଷ୍ଟର୍ ଇମାଦ୍ ଫଖୁରେ (ନିର୍ଦ୍ଦେଶକ), ମିସ୍ କାଇକୋ ଇନୋଏ (ଦକ୍ଷିଣ ଏସୀୟ ଅଭ୍ୟାସ ପରିଚାଳକ, ଶିକ୍ଷା), ମିସ୍ ଅପର୍ଣ୍ଣା ସୋମାନାଥନ (ଦକ୍ଷିଣ ଏସୀୟ ଅଭ୍ୟାସ ପରିଚାଳକ, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା), ମିସ୍ ସୌମିଆ କୌଶଲ (ବରିଷ୍ଠ ଅର୍ଥନୀତିଜ୍ଞ) ଏବଂ ମିସ୍ କୃତିକା ସିଂ (କଂଟ୍ରି ମ୍ୟାନେଜମେଂଟ ଟିମ୍) ସାମିଲ ଥିଲେ। ଖାରବେଳ ଭବନରେ ଆଲୋଚନା ସମୟରେ ପ୍ରତିନିଧି ଦଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସହରାଞ୍ଚଳ ସଂସ୍କାର ଦିଗରେ ଓଡ଼ିଶାର ତଥ୍ୟ ଭିତିକ ଓ ଫଳାଫଳ ଭିତିକ ଆଭିମୁଖ୍ୟକୁ ସ୍ୱୀକାର କରିଥିଲେ।

ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା ପରେ ପ୍ରତିନିଧି ଦଳ ପଳାସୁଣୀ ପରିଦର୍ଶନ କରି ୧୫୦ ଟି ଟିପିଡି ସାମଗ୍ରୀ ପୁନରୁଦ୍ଧାର ସୁବିଧା, ନଡ଼ିଆ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସୁବିଧା, ଜଳ ଉପଚାର ପ୍ଲାଣ୍ଟ ଏବଂ ଗୋଷ୍ଠୀ ସହ ଜଡିତ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ସମେତ ସ୍ୱଚ୍ଛତାର ସର୍ବୋତମ ଅଭ୍ୟାସ ଦେଖିଥିଲେ। ସେମାନେ ସ୍ୱଚ୍ଛ କର୍ମୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ କଥାବାର୍ତା କରି ପରିବେଶ ପରିଚାଳନା ଏବଂ ବିକେନ୍ଦ୍ରୀକରଣ ପରିମଳ ମଡେଲରେ ଗୋଷ୍ଠୀ ଅଂଶଗ୍ରହଣର ଭୂମିକାକୁ ପ୍ରଶଂସା କରିଥିଲେ। ପରେ ସେମାନେ ନୀଳମାଧବ ନିଓ୍ୱାସରେ ସୁଲଭ ଆବାସ ପ୍ରକଳ୍ପର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ, ଯେଉଁମାନେ ସ୍ଥାନାନ୍ତର ପରେ ଉନ୍ନତ ଆବାସ, ଆଖପାଖ ସୁବିଧା ଏବଂ ଜୀବିକା ସଂଯୋଗ ଉପରେ ସେମାନଙ୍କର ଅଭିଜ୍ଞତା ବର୍ଣନା କରିଥିଲେ।

ପରିଦର୍ଶନ ସମୟରେ ବିଶ୍ୱବ୍ୟାଙ୍କ ଟିମ୍ ୨୪ଘଂଟିଆ ଟ୍ୟାପ୍ ରୁ ପାନୀୟ ଜଳ ଯୋଗାଣ, କ୍ଲଟ ମାଧ୍ୟମରେ ସାଧାରଣ ପରିବହନ ଏବଂ ଓଡ଼ିଶା ଯାତ୍ରୀ ଭଳି ଇ-ରାଇଡ୍ ମାଧ୍ୟମରେ ଶେଷ ମାଇଲ୍ ସଂଯୋଗ, ସୁଜୋଗ ମାଧ୍ୟମରେ ଡିଜିଟାଲ ସହରାଞ୍ଚଳ ସେବା ବିତରଣ ଏବଂ ପରିମଳ କର୍ମଚାରୀଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଗରିମା ଢାଞ୍ଚାରେ ଓଡ଼ିଶାର ଅଗ୍ରଗତିକୁ ସ୍ୱୀକୃତି ଦେଇଥିଲେ। ପ୍ରତିନିଧି ଦଳ ପରିମାଣ, ଅନ୍ତର୍ଭୁକ୍ତୀକରଣ ଏବଂ ମାପନୀୟ ସାମାଜିକ ପ୍ରଭାବ ଉପରେ ରାଜ୍ୟର ଧ୍ୟାନକୁ ପ୍ରଶଂସା କରିବା ସହ ସହରାଞ୍ଚଳର ସ୍ଥିରତା, ପରିମଳ, ସୁଲଭ ଆବାସ, ସଂସ୍ଥାଗତ ଦକ୍ଷତା ବିକାଶ ଏବଂ ଶାସନ-କେନ୍ଦ୍ରୀତ ସେବା ପ୍ରଦାନରେ ଗଭୀର ସହଯୋଗର ଅନ୍ୱେଷଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ନିରନ୍ତର ଏବଂ ଅନ୍ତର୍ଭୁକ୍ତ ସହରାଞ୍ଚଳ ବିକାଶ ପାଇଁ ନିରନ୍ତର ଭାଗିଦାରୀ ପାଇଁ ସହଭାଗୀ ପ୍ରତିବଦ୍ଧତା ସହିତ ଏକ ସକରାତ୍ମକ ନୋଟରେ ଏହି ପ୍ରଦର୍ଶନୀ ପରିଦର୍ଶନ ସମାପ୍ତ ହୋଇଥିଲା।

## ରାଜ୍ୟ ଗ୍ରନ୍ଥାଗାରରେ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୧।୧୧(ମହାଭାରତ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆଜି ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମହତାବଙ୍କ ସ୍ମୃତି ଚାରଣ କରିଥିଲେ।

ଗଡ଼ଜାତ ମିଶ୍ରଣ ଏବଂ ନବଉତ୍କଳର ନିର୍ମାଣରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଭୂମିକା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଭାବରେ ନୁହେଁ ବରଂ ଜଣେ ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷ ସଂଗଠକ ଓ ସଂସ୍କୃତି ସଂମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ସେ ସର୍ବଭାରତୀୟ ସ୍ତରରେ ସୁପରିଚିତ। ଆଜି ସେହି ମହାପୁରୁଷଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ନିମନ୍ତେ ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶ୍ରୀମତୀ ମିଶ୍ର ମତପ୍ରକାଶ କରିଥିଲେ। ଆଜି ମହତାବଙ୍କ ଜୟନ୍ତୀ ଉପଲକ୍ଷେ ଗ୍ରନ୍ଥାଗାରରେ ଏକ ସାଧାରଣ ସଭା ଓ ମହାତାବଙ୍କ ଜୀବନୀକୁ ଆଧାର କରି ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା।

# ସୁସ୍ଥ ହେଉଛନ୍ତି ଅଭିଜିତ

ଭୁବନେଶ୍ୱର, ୨୧।୧୧(ମହାଭାରତ): ଓଲିଉଡ଼ର ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ତଥା ଗାୟକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟରେ ସାମାନ୍ୟ ସୁଧାର ଆସିଛି। କେହି ଡାକିଲେ ସେ ଆଖି ଖୋଲୁଛନ୍ତି ଜିଭ ବି ଦେଖାଉଛନ୍ତି । ପ୍ରାୟ ଅଢେଇମାସ ପରେ ସେ କୋମାରୁ ଧୀରେ ଧୀରେ ବାହାରିଥିବା ଜଣାପଡ଼ିଛି। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ବାହାର କରାଯାଇ ମେଡ଼ିସିନ ଓ୍ୱାର୍ଡ଼କୁ ସ୍ଥାନାନ୍ତର କରାଯାଇଥିବା ଭୁବନେଶ୍ୱର ଏମ୍ସ ସ୍ୱାସ୍ଥ୍ୟ ବୁଲେଟିନରେ ସୂଚନା ଦିଆଯାଇଛି । ସୂଚନା ଅନୁସାରେ, ତାଙ୍କର ଭାଇଟାଲସ୍ଥିର ରହିଛି ।ଅଭିଜିତ ସୁସ୍ଥ ହେଉଥିବା ଖବରପାଇ ତାଙ୍କ ପ୍ରଂଶସକଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି ।

ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୩୧ ତାରିଖରେ କଟକ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଅଭିଜିତ । ଅନେକ ଦିନରୁ ଲିଭର ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇଆସୁଥିଲେ। ନିଜର ଦୈନନ୍ଦିନ କାମକୁ ଠିକ୍ ରୂପେ କରୁଥିବାବେଳେ ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ଗଣେଶ ପୂଜା ଏବଂ ଦଶହରାରେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ସେ ବେଶ୍ ଉତ୍ସାହିତ ମଧ୍ୟ ଥିଲେ। ମାତ୍ର ଗତ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ତଥା ଆତ୍ମୀୟମାନେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ସୋଆ ପକ୍ଷରୁ 'ପଦ୍ମ ଜିନ୍ ବ୍ୟାଙ୍କ'



ଭୁବନେଶ୍ୱର, ୨୧।୧୧(ମହାଭାରତ): ଭାରତର ଜାତୀୟ ଫୁଲ ପଦ୍ମ ସହିତ ଦେଶବାସୀଙ୍କ ଭାବଗତ ସମ୍ପର୍କ ଅତି ନିବିଡ଼ ଏବଂ ପୁରାତନ। ଏହି ଫୁଲର ଚାଷ, ଏହା ଉପରେ ଗବେଷଣା ଓ ନୂଆ କିସମ ଉଦ୍ଭାବନ କରି ଚାଷ ନିମନ୍ତେ ବିଧିବଦ୍ଧ ଭାବେ ଗୁରୁବାର ଛତାବର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟର କୃଷି ଗବେଷଣା କେନ୍ଦ୍ର ଦ୍ୱାରା ଏକ 'ପଦ୍ମ ଜିନ୍ ବ୍ୟାଙ୍କ' ଉଦ୍‌ଘାଟନ କରାଯାଇଛି।

କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ସୋଆ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତଥା ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ କୁମାର ମହାନ୍ତିଙ୍କ ଦ୍ୱାରା ଏହି 'ପଦ୍ମ ଜିନ ବ୍ୟାଙ୍କ' ଉଦ୍‌ଘାଟନ କରାଯାଇଛି।

ପଦ୍ମଫୁଲର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ବୈଜ୍ଞାନିକ ପ୍ରଣାଳୀରେ ଓ ବ୍ୟବସାୟିକ ଭିତିରେ ଏହାର କୃଷି, ନୂତନ କିସମ ଉଦ୍ଭାବନ, ଖାଦ୍ୟ ତଥା ପାଣିର ପରିଚାଳନା ଏବଂ ଏହାର ମଞ୍ଜି, ଫୁଲ ଓ ଫଳର ଔଷଧୀୟ ଓ ଶିଳ୍ପ ଭିତିକ ଗୁଣ ସମ୍ପର୍କରେ ଖୁବ କମ ଗବେଷଣା କରାଯାଇଛି। ଏହାକୁ ଆଖିରେ ରଖି ପଦ୍ମ ଉପରେ ଗବେଷଣା କରିବା ନିତାନ୍ତ ଜରୁରୀ ବୋଲି ପ୍ରଫେସର ରାଉତ କହିଛନ୍ତି।ପ୍ରଫେସର ରାଉତ ପଦ୍ମର ଭିନ୍ନ ଭିନ୍ନ ଅଂଶର ମାନ ନିର୍ଦ୍ଧାରଣ କରି ଏହାକୁ ନେଇ କିପରି ଏକ ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପଦ୍ମ ଜିନ ବ୍ୟାଙ୍କରେ ଓଡ଼ିଶାର ୨୪ ପ୍ରକାରର ନିଜସ୍ୱ ଜିନୋଟାଇପ୍ ସହ ଅନ୍ୟ ରାଜ୍ୟ ତଥା ଦେଶ ବିଦେଶର କିସମ ଉପରେ ଗବେଷଣା କରାଯିବ। ଓଡ଼ିଶା ମାଟି ଓ ପବନ ପାଇଁ ଅଧିକ କିସମ ତଥା ରୋଗ, ପୋକ ପ୍ରତିରୋଧକ କିସମ ଚିହ୍ନଟ ଏବଂ ତା'ର ଶଙ୍କରୀକରଣ କରି ନୂତନ କିସମ ଉଦ୍ଭାବନ କରାଯିବ। ଏହି କିସମ ମାନଙ୍କର ଚାଷ ନିମନ୍ତେ ଖାଦ୍ୟ, ସାର, ପାଣିର ସୁପରିଚାଳନା, ରୋଗ ନିୟନ୍ତ୍ରଣ, ଅମଳ ପରବର୍ତୀ ଯତ୍ନ ଏବଂ ପଦ୍ମର ଅଂଶ ବିଶେଷ ସବୁର ଗୁଣାତ୍ମକ ମାନ ଉପରେ ଗବେଷଣା କରାଯିବା ସହ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ କିପରି ପଦ୍ମ ଚାଷ ଦ୍ୱାରା ସୁଦୃଢ଼ ହୋଇପାରିବ ସେ ବିଷୟରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏହି ଲକ୍ଷ୍ୟ ନେଇ ସୋଆର ପଦ୍ମ ଜିନ୍ ବ୍ୟାଙ୍କ ଆଗକୁ କାର୍ଯ୍ୟ କରିବ ବୋଲି ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଶଶୀକଳା ବେଉରା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡକ୍ଟର ବେଉରାଙ୍କ ବ୍ୟତୀତ ପ୍ରଫେସର ଫାର୍ମ ଡକ୍ଟର ମଧୁସୁଦନ ବେହେରା, ସହଯୋଗୀ ପ୍ରଫେସର ଡକ୍ଟର ଶୈଳନ୍ଦ୍ରୀ କୁମାରୀ ପାତ୍ର, ସହକାରୀ ପ୍ରଫେସର ଡକ୍ଟର ଅବିନାଶ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସନ୍ନା, ଡକ୍ଟର ସୁବ୍ରତ କୁମାର ସେନାପତି, ସୁକିର୍ତୀ ମହାନ୍ତି, ଡକ୍ଟର ରୁଚିତା ପଣ୍ଡା ଓ ରିସର୍ଚ୍ଚ ଆସିଷ୍ଟାଂଟ ଶୁଭେନ୍ଦୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୨୧।୧୧(ମହାଭାରତ): ଅଳ୍ପକେ ବର୍ତିଲେ ଯବାନ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀ ଖଞ୍ଜିଥିଲେ ଦଶ କିଲୋର ଲ୍ୟାଣ୍ଡମାଇନ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଭୈରମଗଡ଼ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିଲେ ଲ୍ୟାଣ୍ଡମାଇନ।ତେବେ ସୁରକ୍ଷାକର୍ମୀ ମାଓ ଦମନ ଅପରେସନ ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନକୁ ଠାବ କରାଯାଇଛି ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ମାଓବାଦୀ କରୁଥିଲେ ଏହି ବଡ଼ ଯୋଜନା। ଏହାକୁ ପଣ୍ଡ କରିଛନ୍ତି ସୁରକ୍ଷାକର୍ମୀ। ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରିଛି ବୋମା ନିଷ୍କ୍ରିୟ ଦଳ ଏହି ଘଟଣା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

# ସରକାର ଗଣତି ମଣତିକୁ ଟାଳୁଛନ୍ତି : ବିଜେଡି

ଭୁବନେଶ୍ୱର, ୨୧।୧୧(ମହାଭାରତ):ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ରଖିଛି । ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ଗଣତି ମଣତି ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ସରକାର କେବଳ ରାଜନୀତି କରୁଛନ୍ତି, ଗଣତି ମଣତି କରିବା ପାଇଁ ରାଜ୍ୟ ବିଜେପି ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି କହିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପି ତରଫରୁ ରତ୍ନ ଭଣ୍ଡାରକୁ ନେଇ ଅନେକ ମିଥ୍ୟା ପ୍ରଚାର କରି ଏହାର ଗଣତି ମଣତି ପାଇଁ ସ୍ୱର ଉଠାଇଥିଲା । ବିଜେପି ତାର ସଙ୍କଳ୍ପ ପତ୍ରରେ କ୍ଷମତାକୁ ଆସିଲେ ଗଣତି ମଣତିର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, କ୍ଷମତାକୁ ଆସିବା ପରେ ଗଣତି ମଣତିକୁ ଉପରେ ବିଜେପି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଗଣତି ମଣତି ଉପରେ, ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟରୁ କେବେ ଏହା କରାଯିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ । ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ତାରିଖ ଘୁଞ୍ଚାଇ ଚାଲିଛନ୍ତି । ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଭିତରେ କୌଣସି ତାଳମେଳ ନାହିଁ । ନିର୍ବାଚନ ସମୟରେ ରତ୍ନ ଭଣ୍ଡାରକୁ ନେଇ ବିଜେପି ଦ୍ୱାରା କରାଯାଇଥିବା ମିଛ ପ୍ରଚାର ସବୁ ଧରାପଡିଯିବା ଭୟରେ ବିଜେପି ସରକାର ଗଣତି ମଣତିକୁ ଜାଣି ଶୁଣି ଘୁଞ୍ଚାଉଛନ୍ତି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି ।

ଡ. ମହାନ୍ତି ଆହୁରି କହିଛନ୍ତି, ଶ୍ରୀମନ୍ଦିରରେ ବ୍ୟବସ୍ଥିତ ଦର୍ଶନ ଓ ପରିକ୍ରମା ପ୍ରକଳ୍ପକୁ ନେଇ ନିର୍ବାଚନ ବେଳେ ବିଜେପି ଅନେକ ପ୍ରଶ୍ନ ଉଠାଇଥିଲା ବେଳେ ଏବେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ହୋଇଛି । ଭକ୍ତ ମାନଙ୍କ ପାଇଁ ପୂର୍ବରୁ କରାଯାଇଥିବା ଏସି ଟନେଲଟିକୁ ଉଠାଇ ଦିଆଯାଇଛି, ଯେଉଁଥି ପାଇଁ ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ମନ୍ଦିର ଭିତରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଉଛି । ଧାଡ଼ି ଦର୍ଶନ ପାଇଁ ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ସଦୃଶ୍ୟ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ୧୯୫୫ର ସେକ୍ସନ ୬ ଅନୁଯାୟୀ ମନ୍ଦିର ପରିଚାଳନା କମିଟିରେ ୧୮ ଜଣ ସଦସ୍ୟ ରହିବା କଥା । କିନ୍ତୁ, ସରକାର କେବଳ ଦଶ ଜଣଙ୍କୁ କମିଟିକୁ ମନୋନୀତ କରିଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି, ଶ୍ରୀମନ୍ଦିରର ପରିଚାଳନାକୁ ସରକାର ଗୁରୁତ୍ୱ ଦେଉ ନାହାନ୍ତି । କେବଳ ଫୁଲା ଫାଙ୍କିଆ ଢଙ୍ଗରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ଚାଲିଛି ।

# ତିନିଦିନିଆ ମିଡିଆ ମହାକୁମ୍ଭ ଉଦଘାଟିତ

ଭୁବନେଶ୍ୱର, ୨୧।୧୧(ମହାଭାରତ): ସୂଚନା ଆଦାନପ୍ରଦାନ କ୍ଷେତ୍ରରେ ମିଡ଼ିଆ ୫.୦ ଏକ ନୂଆ ଧାରା ତିଆରି କରିବ । ସାମାଜିକ ଗଣମାଧ୍ୟମ ସମେତ ପାରମ୍ପରିକ ଗଣମାଧ୍ୟମ ମଧ୍ୟ ଏଥିରେ ପ୍ରଭାବିତ ହେବେ । ତଥ୍ୟ ସଂଗ୍ରହଠାରୁ ଆରମ୍ଭକରି ପ୍ରସାରଣ ପର୍ଯ୍ୟନ୍ତ ମିଡ଼ିଆ ୫.୦ର ଏକ ବଡ ଭୂମିକା ରହିବ ବୋଲି ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ । ଆଜି ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍ଏସ୍) ଆନୁକୁଲ୍ୟରେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସହଭାଗିତାରେ ନବମ ଜାତୀୟ ଗଣମାଧ୍ୟମ ସମ୍ମିଳନୀ-୨୦୨୫ ଉଦଘାଟିତ ହୋଇଯାଇଛି । ଏହି ତିନିଦିନିଆ ସମ୍ମିଳନୀରେ ଯୋଗଦେଇ ଅତିଥିମାନେ 'ମିଡ଼ିଆ ୫.୦: ଡିଜିଟାଲ୍ ଯୋଗାଯୋଗ' ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ । କୃତ୍ରିମ ବୁଦ୍ଧିମତା, ମେସିନ ଲର୍ଣିଙ୍ଗ, ଇଣ୍ଟରନେଟ ଅଫ୍ ଥିଙ୍ଗସ୍ , ଅଗମେଣ୍ଟେଡ୍ ରିଅଲିଟି ଓ ଭର୍ଚୁଆଲ୍ ରିଅଲିଟି ଆଦି ନୂତନ ଜ୍ଞାନ କୋ?ଶଳ ଦ୍ୱାରା ଗଢ଼ି ଉଠୁଥିବା ପରିବର୍ତ୍ତନଶୀଳ ମିଡ଼ିଆର ରୂପରେଖ ଉପରେ ଚର୍ଚ୍ଚା ହୋଇଥିଲା । ଡିଜିଟାଲ ମିଡ଼ିଆର ଭବିଷ୍ୟତ ପାଇଁ ଏକ ରୋଡମ୍ୟାପ ତିଆରିକରିବା ପାଇଁ ଧ୍ୟାନ ଦିଆଯାଇଥିଲା । ଏହି ସମ୍ମିଳନୀରେ ଯୋଗଦେଇ, କର୍ଣ୍ଣାଟକର କୋପାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. କେ. ରବି କହିଥିଲେ ଯେ ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅନେକ ବଢ଼ି ଚାଲିଛି । ଏ.ଆଇ ସିଷ୍ଟମଗୁଡିକ ମାନବ ହସ୍ତକ୍ଷେପ ବିନା ବହୁତ ସମୟ କଣ୍ଟେଣ୍ଟକୁ ଅପ୍ଟିମାଇଜ୍ କରିବା ସହ ବିତରଣ କରୁଛନ୍ତି, ଯାହା ବ୍ୟକ୍ତିଗତ ଗୋପନୀୟତାକୁ ପ୍ରଭାବ ପକାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ, ଆଇ.ଆଇ.ଟି ଭୁବନେଶ୍ୱରର ଏ.ଆଇ ଓ ଏଚ୍.ପି.ସି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡଃ ଅଶ୍ୱିନୀ କୁମାର ନନ୍ଦ କହିଲେ ଯେ, "ଭ୍ରମାତ୍ମକ ବର୍ଣ୍ଣନା ବା ମିଥ୍ୟା ନ୍ୟାରେଟିଭ୍ ସମାଜିକ ଅସ୍ଥିରତା ତିଆରି କରିପାରେ, ସେଥିପାଇଁ କଠୋର ଓ ଦୃଢ଼ ଆଇନର ଆବଶ୍ୟକତା ରହିଛି ।

## ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳିତ

ଭୁବନେଶ୍ୱର, ୨୧।୧୧(ମହାଭାରତ)- ପୁରୁଷ ବନ୍ଧ୍ୟାକରଣ ପକ୍ଷ-୨୦୨୫ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ତରଫରୁ ଗୀତଗୋବିନ୍ଦ ସଦନରେ ପାଳନ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମନ୍ତ୍ରୀ ଡକ୍ତର ମହାଲିଙ୍ଗ କହିଲେ ଯେ , 'ପୁରୁଷ ବନ୍ଧ୍ୟାକରଣରେ କୌଣସି ପୁରୁଷର ପୁରୁଷତ୍ୱ ନଷ୍ଟ ହୁଏ ନାହିଁ। ଲୋକଙ୍କୁ ସଚେତନ କରି ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ ଆଶା ଦିଦି ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କୁ ମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି । କୋରାପୁଟ, ରାୟଗଡା, ମାଲକାନଗିରି, ସୁନ୍ଦରଗଡ ଓ କନ୍ଧମାଳ ଭଳି ଜନଜାତି ବହୁଳ ଜିଲ୍ଲା ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ଆଗାମୀ ଦିନରେ ସାରା ରାଜ୍ୟରେ ପୁରୁଷ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଉପଦେଶ ଦେଇଛନ୍ତି । ଏହି ଅବସରରେ ପୁରୁଷ ବନ୍ଧ୍ୟାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସମ୍ମାନିତ ହୋଇଛନ୍ତି ।

## ସାଗର ଦାସଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଉ ସରକାର : କଂଗ୍ରେସ

ଭୁବନେଶ୍ୱର, ୨୧।୧୧(ମହାଭାରତ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତିପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା ଭବାନୀପାଟଣା ଯୁବ ବିଧାୟକ ସାଗର ଚରଣ ଦାସଙ୍କୁ ଜୀବନରେ ମାରିଦେବାର ଧମକ ମିଳିଛି । ଗତକାଲି ସକାଳେ କଂଗ୍ରେସ ଦଳର ଜଣେ ଜୋନ ସଭାପତି ତଥା ବିଧାୟକ ଶ୍ରୀ ଦାସଙ୍କ ସମର୍ଥକ ଦେବାନନ୍ଦ ଜୋଷୀଙ୍କୁ ୪/୫ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କୁ ଘରୁ ଉଠାଇ ଆଣି ବିଧାୟକ ଶ୍ରୀ ଦାସ କୁଆଡେ ଅଛନ୍ତି ବୋଲି ପଚାରିଥିଲେ ଏବଂ ନ କହିଲେ ଜୀବନରେ ତାଙ୍କୁ ଏବଂ ବିଧାୟକଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ । ରାଜ୍ୟର ଜଣେ ଉଦୀୟମାନ ଓ ପ୍ରସିଦ୍ଧ ବିଧାୟକଙ୍କୁ ହତ୍ୟା ଧମକ ମିଳିବା ଦର୍ଶାଉଛି ଯେ ରାଜ୍ୟରେ ମୋହନ ସରକାରଙ୍କ ନୁହଁ ଦୁର୍ବୃତ୍ତଙ୍କ ଶାସନ ଚାଲିଛି । ପୋଲିସ ଦୁର୍ବୃତ୍ତଙ୍କୁ ଧରି ପୁଣି ଛାଡି ଦେବା ଓଡ଼ିଶାରେ ଜଙ୍ଗଲରାଜର ଯୁଗ ଆରମ୍ଭ ହୋଇଗଲାଣି ବୋଲି ସୂଚାଉଛି ।ସୁରକ୍ଷା କଣ କେବଳ ମୋହନ ବାବୁ, କେଭିସିଂଦେଓ, ପ୍ରଭାତୀ ମହାଶୟା ଏବଂ ମନ୍ତ୍ରୀମଣ୍ଡଳଙ୍କ ପାଇଁକି ?ତେବେ କଂଗ୍ରେସ ଦାବୀ କରୁଛି ଅପରାଧୀଙ୍କ ଦଣ୍ଡବିଧାନ ହେଉ । ବିଧାୟକ ଶ୍ରୀ ଦାସ ଡିଜିପିଙ୍କୁ ଲିଖିତ ଚିଠି ଲେଖି ସାରିଛନ୍ତି ।ଯଦି ପୁଲିସ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ତେବେ କଂଗ୍ରେସ ପକ୍ଷରୁ ଡିଜିପି ଅଫିସ ଘେରାଓ କରି ତାଙ୍କୁ ଅଫିସ ଛାଡ଼ିଯିବ ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଫିସ ଯିବାକୁ ଦେବ ନାହିଁ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।ଅନ୍ୟତମ ମୁଖପାତ୍ର ବିଭୁତି ମହାପାତ୍ର କହିଲେ, କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବାଲି ଚୋରୀ ଉପରେ ଏକ ଗମ୍ଭୀର ଅଭିଯୋଗ ଆଣିବାର ଦୁଇଦିନ ପରେ ଧମକ ଘଟଣା ଘଟିଛି । ପୂର୍ବରୁ ରାଜ୍ୟରେ ମନ୍ତ୍ରୀ ନବ ଦାସଙ୍କୁ ଏବଂ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରା ଯାଇଥିଲା ଏବଂ ବର୍ତ୍ତମାନ ଜଣେ ବିଧାୟକଙ୍କୁ ଖୋଲାଖୋଲି ଧମକ ମିଳୁଛି । ଏହି ଘଟଣା ଯୋଗୁଁ କଂଗ୍ରେସ ବିଚଳିତ । ପିସିସି ସଭାପତିଙ୍କ ଯୋଗୁଁ କଂଗ୍ରେସର ଓ ବିଧାୟକ ସାଗର ଦାସଙ୍କ ଲୋକପ୍ରିୟତା ବୃଦ୍ଧିକୁ ସହ୍ୟ କରି ନ ପାରି, ଭୟରେ ଏଭଳି ହୀନକାଣ୍ଡ ଘଟାଇଛନ୍ତି । ତେବେ ଏହି ହତ୍ୟା ଧମକ ପଛରେ କେଉଁ ବଡ଼ ବଡ଼ିଆ ବ୍ୟକ୍ତି ବିଶେଷ ଅଛନ୍ତି ତାଙ୍କ ବିରୋଧରେ ସରକାର ତଥା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି କହିବା ସହ ବିଧାୟକ ଶ୍ରୀ ଦାସଙ୍କୁ ଉଚ୍ଚତମ ସୁରକ୍ଷା ପ୍ରଦାନ କରାଯାଉ ବୋଲି ମୁଖପାତ୍ର ଶ୍ରୀ ମହାପାତ୍ର ଦାବୀ ଜଣାଇଛନ୍ତି । ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।



# ବିଧାନସଭା ପରିସରରେ ମହତାବଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୧।୧୧(ମହାଭାରତ): ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଜୀବନ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଜନମାନସରେ ଏକ ନୂତନ କ୍ରାନ୍ତି ଆଣି ଦେଇଥିଲା । ଓଡ଼ିଶାର ମାଟି, ପାଣି, ପବନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ମହତାବ ସାରା ରାଜ୍ୟରେ ଏକ ସଚେତନ ବାତାବରଣ ସୃଷ୍ଟି କରିଥିଲେ । ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଓଡ଼ିଶା ଓ ଭାରତବର୍ଷର ରାଜନୀତିକୁ ସେ ଆଚ୍ଛନ୍ନ କରି ରଖିଥିଲେ । ସ୍ୱାଧୀନତା ସଂଗ୍ରାମ ବ୍ୟତୀତ ସାହିତ୍ୟ ଓ ସଂସ୍କୃତିର ଅଗ୍ରଗତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ ।

ଶୁକ୍ରବାର ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ ଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀ କାର୍ଯ୍ୟକର୍ତା, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଧାନସଭା ପରିସରରେ ଥିବା ଡ. ମହତାବଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ପ୍ରକାଶିତ ଏକ ପୁସ୍ତକକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ମତ୍ସ୍ୟଚାଷ କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନା : ମନ୍ତ୍ରୀ

ଭୁବନେଶ୍ୱର, ୨୧।୧୧(ମହାଭାରତ): ମତ୍ସ୍ୟଚାଷ କ୍ଷେତ୍ରରେ ଆମ ପାଖରେ ବିପୁଳ ସମ୍ଭାବନା ରହିଛି । ଓଡ଼ିଶାରେ ୫୭୪.୭ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳକ୍ଷେତ୍ର, ୭.୧୨ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ମତ୍ସ୍ୟ ସମ୍ପଦ ପାଇଁ ଅମୂଲ୍ୟ ବରଦାନ । ଏହାର ସଦୁପଯୋଗ କରି ଆଗକୁ ବଢିବା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେ ଏହା କହିଛନ୍ତି । ଏହା ସହ କହିଥିଲେ, ଶ୍ରେଷ୍ଠ ହେବାକୁ ହେଲେ, ଆମକୁ ଆତ୍ମନିର୍ଭର ହେବାକୁ ପଡ଼ିବ ।

ଏହି ଅବସରରେ ମନ୍ତ୍ରୀ ଆଭାସୀ ମାଧ୍ୟମରେ ପୁରୀର ତାଳବଣିଆ (ତଳ ମହଲା) ଠାରେ ସ୍ୱାସ୍ଥ୍ୟକର ମାଛ ବଜାର, ଗଞ୍ଜାମ ଜିଲ୍ଲାର ହୁମ୍ମାଠାରେ ସ୍ୱାସ୍ଥ୍ୟକର ଶୁଖୁଆ ବଜାର (ଉଭୟ ଖୁଚୁରା ଏବଂ ହୋଲସେଲ ବଜାର), ଅନୁଗୁଳର ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରେ ବିଏଫଓ କାର୍ଯ୍ୟାଳୟ ଭଳି ସମ୍ପୂର୍ଣ୍ଣ ଭିତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିଥିଲେ। ଏହା ସହ କଟକର ଖପୁରିଆରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ତତସହିତ ମନ୍ତ୍ରୀ 'ଓଡ଼ିଶା ମତ୍ସ୍ୟ ଓ୍ୱେବ୍ ପୋର୍ଟାଲ୍"ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର "ବାର୍ଷିକ କାର୍ଯ୍ୟାବଳୀ ବିବରଣୀ" ଏବଂ "ମତ୍ସ୍ୟ କ୍ଷେତ୍ର ମାର୍ଗଦର୍ଶିକା"ର ଉନ୍ମୋଚନ ହୋଇଥିଲା । ଓଡ଼ିଶାର ରାଜ୍ୟ ମାଛର ମାନ୍ୟତା ପାଇଥିବା "ମହାନଦୀ ମହାସୀର" ମାଛର ସୁରକ୍ଷା, ସରଂକ୍ଷଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଗବେଷଣା କରିବାକୁ ରାଜ୍ୟ ସରକାର ଓ ସିଫା ମଧ୍ୟରେ ଏକ ବୁଝାମଣାପତ୍ର ଆଜି ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସଂପୂର୍ଣ୍ଣ କରିଥିବା ପ୍ରକଳ୍ପଗୁଡିକ ପାଇଁ ସବସିଡି ପ୍ରଦାନ କରଯାଇଥିଲା । କଇଁଛଙ୍କ ସୁରକ୍ଷା ପାଇଁ ଟେଡ ବିତରଣ କରାଯାଇଥିବା ବେଳେ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ 1 ସୁରେଶ କୁମାର ବଶିଷ୍ଠ ଯୋଗ ଦେଇ, ମତ୍ସ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସିଡ୍ (ମାଛ ବିହନ ବା ମଞ୍ଜି), ଫିଡ୍ (ମାଛ ଖାଦ୍ୟ), ଓ୍ୱିଡ୍ (ମାଛ ଉତ୍ପାଦନ ବୃଦ୍ଧିରେ ପ୍ରତିରୋଧକ)ର ସୁପରିଚାଳନା ସହ ରପ୍ତାନୀକୁ ଅଗ୍ରାଧିକାର ଦେବାକୁ ସେ ନିଜ ଅଭିଭାଷଣରେ କହିଥିଲେ । ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ମତ୍ସ୍ୟ ସମବାୟ ସମିତି ମାଧ୍ୟମରେ ମତ୍ସ୍ୟଚାଷର ସମୃଦ୍ଧି କାମନା କରିଥିବା ବେଳେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଭିତିଭୂମି ବିକାଶ ଓ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ୍ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ସୁବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସିଫାର ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ୍, ଏମପେଡାର ଉପ ନିର୍ଦ୍ଦେଶକ ଆଚମନ୍ ଲହରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ ଓ ବିଶ୍ୱବ୍ୟାପୀ ମତ୍ସ୍ୟ ବ୍ୟବସାୟ ସହ ଜଡ଼ିତ ଜନସାଧାରଣଙ୍କ ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ କରାଯାଏ ।

# ବିଜୟର କାରଣ

ଅଭିଜ୍ଞତା ଏବଂ ପ୍ରଶାସନିକ ବୁଦ୍ଧି ଏନଡିଏର ବିଜୟରେ ପ୍ରମୁଖ କାରଣ ଥିଲା। ମେଂଟର ବିଜୟ ମେଂଟ ଗତିଶୀଳତା ପରିଚାଳନା କରିବାର କ୍ଷମତାର ମଧ୍ୟ ପ୍ରମାଣ। ଏନଡିଏ ଅଂଶୀଦାରମାନ ସେମାନଙ୍କର ପ୍ରଚାରକୁ ପ୍ରଭାବଶାଳୀ ଭାବରେ ସମନ୍ୱୟ କରିଥିଲେ। ସେମାନେ ଜନସାଧାରଣ ମତଭେଦକୁ ଏଡାଇ ଏକ ମିଳିତ ମୋର୍ଚ୍ଚା ଉପସ୍ଥାପନ କରିଥିଲେ। ଏହା ବିରୋଧୀଙ୍କ ଆଭ୍ୟନ୍ତରୀଣ ବିବାଦ ସହିତ ବିପରୀତ ଥିଲା। ବିରୋଧୀଙ୍କ ସ୍ୱଷ୍ଟ ନେତାଙ୍କ ଅଭାବ ସ୍ୱଷ୍ଟ ଥିଲା। ପୂର୍ବ ନିର୍ବାଚନ ପରେ ଆରଜେଡିର ନେତୃତ୍ୱ ଖଣ୍ଡିତ ହୋଇଥିବା ପରି ଦେଖାଯାଇଥିଲା। କଂଗ୍ରେସ ଦଳ ଆରଜେଡି ସହିତ ଏକ ସାଧାରଣ ମଂଚ ଖୋଜିବା ପାଇଁ ସଂଘର୍ଷ କରିଥିଲା। ଏନଡିଏର ବିଜୟରାଜ୍ୟ ମନ୍ତ୍ରୀମଣ୍ଡରେ ପୁନର୍ଗଠନ ହୋଇପାରେ। ନୂତନ ମୁହଁକୁ ସାମିଲ କରିବା ପାଇଁ ଆଶା ଅଧିକ। ମେଂଟ ବିଭିନ୍ନ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ ବୋକୁ ପ୍ରତିଶ୍ରୁତି ଦେଇଛି। ମୁଖ୍ୟମନ୍ତ୍ରୀ ଅନ୍ତର୍ଭୁକ୍ତ ଶାସନ ଉପରେ ଧ୍ୟାନ ଦେବାକୁ ଇଙ୍ଗିତ ଦେଇଛନ୍ତି। ଏନଡିଏର ବିଜୟ ବିହାରର ବିକାଶ ଚ୍ୟାଲେଞ୍ଜ ପ୍ରତି ମଧ୍ୟ ଧ୍ୟାନ ଆଣେ। ରାଜ୍ୟ ଦାରିଦ୍ର୍ୟ ଏବଂ ପ୍ରବାସ ସହିତ ସଂଘର୍ଷ କରିଚାଲିଛି। ଏନଡିଏ ଅଧିକ ନିଯୁକ୍ତି ସୃଷ୍ଟି ଏବଂ ଭିତିଭୂମି ଉନ୍ନତ କରିବାକୁ ପ୍ରତିଶ୍ରୁତି ଦେଇଛି। ସରକାର ରାଜ୍ୟର ଜିଡିପି ଅଭିବୃଦ୍ଧି ହାର ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେମାନେ ପର୍ଯ୍ୟଟନ, କୃଷି ଏବଂ ନବୀକରଣୀୟ ଶକ୍ତି ଭଳି କ୍ଷେତ୍ରରେ ନିବେଶ କରିବାକୁ ଯୋଜନା କରୁଛନ୍ତି। ନିର୍ବାଚନ ଫଳାଫଳ କେନ୍ଦ୍ରୀୟ ପାଣ୍ଠିର ଭୂମିକ ବିଷୟରେ ମଧ୍ୟ ବିତର୍କ ସୃଷ୍ଟି କରିଛି। ବିହାର ଐତିହାସିକ ଭାବରେ କେନ୍ଦ୍ରୀୟ ସହାୟତା ଉପରେ ବହୁଳ ଭାବରେ ନିର୍ଭର କରିଆସିଛି। ଏନଡିଏର ବିଜୟ କେନଦ୍ରୀୟ ସମ୍ବଳ ଅନୁକୂଳ ଆବଟଂନକୁ ନେଇପାରେ। କେନ୍ଦ୍ର ସରକାର ପୂର୍ବରୁ ବିହାରର ବିକାଶ ପାଇଁ ଅତିରିକ୍ତ ପାଣ୍ଠି ଘୋଷଣା କରିସାରିଛନ୍ତି। ଏହି ପାଣ୍ଠି ରାସ୍ତା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ। ଏନଡିଏର ବିଜୟ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିବ ବୋଲି ମଧ୍ୟ ଆଶା କରାଯାଉଛି। ବ୍ୟବସାୟୀ ନେତାମାନେ ବିହାରର ଭବିଷ୍ୟତ ବିଷୟରେ ଆଶାବାଦ ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟର ଉନ୍ନତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଉଲ୍ଲେଖ କରିଛନ୍ତି। ଏନଡିଏ ସରକାର ବ୍ୟବସାୟ ନିୟମକୁ ସୁଗମ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପଗୁଡ଼ିକ ଅଧିକ ନିବେଶ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ବିରୋଧୀ ଦଳ ଚେତାବନୀ ଦେଇଛନ୍ତି ଯେ ଏନଡିଏର ନୀତି କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସପକ୍ଷରେ ରଖିପାରେ। ସେମାନେ ସମ୍ବଳର ଅଧିକ ସମନ ବଂଟନ ପାଇଁ ଆହ୍ୱାନ କରିଛନ୍ତି। ଏନଡିଏ ଏହି ଚିନ୍ତାଗୁଡ଼ିକୁ ଖାରଜ କରି କହିଛି ଯେ ବିକାଶ ଅନ୍ତର୍ଭୁକ୍ତ ହେବ। ନିର୍ବାଚନକୁ ଗଣମାଧ୍ୟମ ନିକଟରୁ ଦେଖିଥିଲା। ଜାତୀୟ ସମ୍ବାଦପତ୍ର ଫଳାଫଳ ଉପରେ ପ୍ରଥମ ପୃଷ୍ଠାର କାହାଣୀ ଚଳାଇଥିଲା। ଟେଲିଭିଜନ ଚ୍ୟାନେଲଗୁଡ଼ିକୁ ଲଢାଇ ବିର୍ତକ ଏବଂ ବିଶ୍ଳେଷଣ ଆୟୋଜନ କରିଥିଲା। ସାମାଜିକ ଗଣମାଧ୍ୟମ ନାଗରିକଙ୍କ ପ୍ରତିକ୍ରିୟାରେ ଚଳଚଂଚଳ ଥିଲା। ଅନେକ ବ୍ୟବହାରକାରୀ ଏନଡିଏର ବିଜୟରେ ସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟାନେ ନିରାଶା ପ୍ରକାଶ କରିଛନ୍ତି ଏବଂ ଅଧିକ ଦାୟିତ୍ୱ ପାଇଁ ଆହ୍ୱାନ ଦେଇଛନ୍ତି। ସୋସିଆଲ ମିଡିଆରେ ସାମଗ୍ରିକ ଭାବନା ମିଶ୍ରିତ ଥିଲା କିନ୍ତୁ ଏନଡିଏ ପାଇଁ ପ୍ରାୟତ ସକାରାତ୍ମକ ଥିଲା। ଏହି ନିର୍ବାଚନ ଡିଜିଟାଲ ସାକ୍ଷାତକାର ଗୁରୁତ୍ୱକୁ ମଧ୍ୟ ଉଜ୍ଜ୍ୱଳ କରିଥିଲା। ଭୋଟରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅନଲାଇନରେ ସୂଚନା ପ୍ରବେଶ କରିଥିଲେ। ଏନଡିଏର ଡିଜିଟାଲ ଅଭିଯାନ ବ୍ୟାପକ ଦର୍ଶକଙ୍କ ପାଖରେ ପହଂଚିଥିଲା। ବିରୋଧୀ ଏନଡିଏର ଅନଲାଇନ ଉପସ୍ଥିତି ସହିତ ମେଳ ଖାଇବାକୁ ପାଇଁ ସଂର୍ଘଷ କରିଥିଲେ। ଏନଡିଏର ବିଜୟ ଅନ୍ୟ ଦଳଗୁଡ଼ିକୁ ଡିଜିଟାଲ ପ୍ରୟାସରେ ଅଧିକ ନିବେଶ କରିବାକୁ ଉତ୍ସାହିତ କରିପାରେ। ନିର୍ବାଚନରେ ଅନେକ ନୂତନ ଦଳର ଅଂଶଗ୍ରହଣ ମଧ୍ୟ ଦେଖାଯାଇଥିଲା। ଏହି ଦଳଗୁଡ଼ିକର ପରିବେଶ ସୁରକ୍ଷା ଏବଂ ମହିଳା ସଶକ୍ତିକରଣ ଭଳି ପ୍ରସଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଯଦିଓ ସେମାନେ ଆସନ ଜିତି ନଥିଲେ, ସେମାନଙ୍କର ଉପସ୍ଥିତି ରାଜନୈତିକ ଆଲୋଚନାରେ ବିବିଧତା ବୃଦ୍ଧି କରିଥିଲା। ଏନଡିଏର ବିଜୟ ବିହାରର ରାଜନୀତିର ବିକଶିତ ପ୍ରକୃତିର ସ୍ମରଣ କରାଉଛି। ପାରମ୍ପରିକ ଜାତି-ଆଧାରିତ ସମନ୍ୱୟ ବିକାଶ - କେନ୍ଦ୍ରିକ ଭୋଟିଂକୁ ବାଟ ଦେଉଛି। ଏହି ପରିବର୍ତନ ରାଜ୍ୟର ରାଜନୈତିକ ଗତିଶୀଳତା ପାଇଁ ଦୀର୍ଘକାଳୀନ ପ୍ରଭାବ ପକାଇପାରେ। ଏନଡିଏର ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଚାପର ସମ୍ମୁଖୀନ ହେବ। ଆଶା ଅଧିକ ଏବଂ ଯେକୌଣସି ଅଭାବ ଭବିଷ୍ୟତର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିପାରେ। ବିରୋଧୀ ଦଳଗୁଡ଼ିକ ନିକଟରୁ ନଜର ରଖି ପରବର୍ତୀ ନିର୍ବାଚନ ପାଇଁ ପ୍ରସ୍ତୁତି କରିବେ। ଆରଜେଡି ଘୋଷଣା କରିଛି ଯେ ଏହା ନେତୃତ୍ୱ ସମୀକ୍ଷା କରିବ। କଂଗ୍ରେସ ଦଳ ମଧ୍ୟ ଏହାର ରଣନୀତି ପୁନଃମୂଲ୍ୟାୟନ କରିବ ବୋଲି ଆଶା କରାଯାଉଛି। ଏନଡିଏର ବିଜୟ ପୁନର୍ବାର ଏକୀକରଣ ନେଇପାରେ। ଏନଡିଏକୁ ଏହି ଗତି ଉପରେ ନିର୍ମାଣ କରିବାକୁ ପଡିବ। ମେଂଟର ସଫଳତା ଏହାର କାର୍ଯ୍ୟ କରିବାର କ୍ଷମତା ଦ୍ୱାରା ମାପ କରାଯିବ। ଲୋକମାନେ ସେମାନଙ୍କୁ ଏକ ସ୍ୱଷ୍ଟ ଜନାଦେଶ ଦେଇଛନ୍ତି। ବର୍ତମାନ ସେହି ଜନାଦେଶକୁ ପୂରଣ କରିବା ଏନଡିଏ ଉପରେ ନିର୍ଭର କରେ। ଏହି ବିଜୟ ଅନେକ ଯୁବ ନେତାଙ୍କ ପାଇଁ ପ୍ରେରଣାର ଉତ୍ସ। ସେମାନେ ବିହାରର ଉନ୍ନତି ପାଇଁ କାମ କରିଚାଲନ୍ତୁ। ନିର୍ବାଚନ ଦେଖାଇଛି ଯେ ଲୋକଙ୍କ ସ୍ୱରପ ସର୍ବୋପରି। ଏନଡିଏ ସମସ୍ତ ନୀତିରେ ସେହି ସ୍ୱରକୁ ସମ୍ମାନ ଏବଂ ପ୍ରତିଫଳିତ କରିବା ଉଚିତ। ଭବିଷ୍ୟତ ଆଶାଜନକ ଦେଖାଯାଉଛି, ଏବଂ ଏନଡିଏ ପାଖରେ ଏହାକୁ ସାକାର କରିବା ପାଇଁ ଉପକରଣ ଅଛି। ଆସନ୍ତୁ ଆମେ ସମସ୍ତେ ନୂତନ ସରକାରଙ୍କୁ ଏହାର ମିଶନରେ ସମର୍ଥନ କରିବା। ଏନଡିଏର ବିଜୟ ବିହାର ପାଇଁ ଏକ ଉଜ୍ଜ୍ୱଳ କାଲିର ପ୍ରତିଶ୍ରୁତି। ଆଗାମୀ ବର୍ଷଗୁଡ଼ିକରେ ସେହି ପ୍ରତିଶ୍ରୁତି ସାକାର ହେଉ। ନିର୍ବାଚନ ଫଳାଫଳ ଏକ ନୂତନ ଆରମ୍ଭ ଆଣିଛି। ଏନଡିଏ ଦାୟିତ୍ୱ ଗ୍ରହଣ କରିବା ସହିତ, ଆସନ୍ତୁ ଆମେ ସେମାନଙ୍କର ସଫଳତା କାମନା କରିବା। ସେମାନଙ୍କର କାର୍ଯ୍ୟକାଳ ସୁଶାସନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଦ୍ୱାରା ଚିହ୍ନିତ ହେଉ। ବିଜୟ ଗଣତନ୍ତ୍ରର ଶକ୍ତିର ପ୍ରମାଣ। ଏହା ଦର୍ଶାଏ ଯେ ଲୋକଙ୍କ ଇଚ୍ଛା ଇତିହାସର ଗତିପଥକୁ ଆକାର ଦେଇପାରେ। ଏନଡିଏର ବିଜୟ ସେହି ଶକ୍ତିର ଏକ ଉତ୍ସବ। ଆସନ୍ତୁ ଆମେ ଆଶା କରିବା ଯେ ସରକାର ଆଶା ପୂରଣ କରିବ। ବିହାରର ଲୋକମାନେ ଏହି ମେଂଟ ଉପରେ ସେମାନଙ୍କର ବିଶ୍ୱାସ ରଖିଛନ୍ତି। ସେହି ବିଶ୍ୱାସକୁ ଯଥାର୍ଥ କରିବା ଏବେ ଏନଡିଏ ଉପରେ ନିର୍ଭର କରୁଛି। ଆଗକୁ ରାସ୍ତା ଲମ୍ବା, କିନ୍ତୁ ଜନାଦେଶ ଦୃଢ। ଏନଡିଏକୁ ଏହାର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିବ। ଏହି ବିଜୟ ଏକ ସ୍ମରଣ କରାଇ ଦିଏ ଯେ ପ୍ରତ୍ୟେକ ନାଗରିକଙ୍କର ଭୂମିକା ରହିଛି। ଆସନ୍ତୁ ଆମେ ସମସ୍ତେ ଏକ ଉନ୍ନତ ବିହାର ଗଠନ ପାଇଁ ଆମର ଭୂମିକା ଗ୍ରହଣ କରିବା। ଏନଡିଏର ବିଜୟ ରାଜ୍ୟ ପାଇଁ ଗର୍ବର ଉତ୍ସ। ଏହା ଭବିଷ୍ୟତ ପିଢିକୁ ଗଣତନ୍ତ୍ରରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉ । ନିର୍ବାଚନ ଦେଖାଇଛି ଯେ ଲୋକଙ୍କ ସ୍ୱର ଶକ୍ତିଶାଳୀ। ଏନଡିଏ ତାର ସମସ୍ତ ନିଷ୍ପତିରେ ସେହି ସ୍ୱରକୁ ଧ୍ୟାନ ଦେବା ଉଚିତ। ଭବିଷ୍ୟତ ଉଜ୍ଜ୍ୱଳ, ଏବଂ ଏନଡିଏ ପାଖରେ ଏହାକୁ ଆହୁରି ଉଜ୍ଜ୍ୱଳ କରିବାର ସୁଯୋଗ ଅଛି। ଆସନ୍ତୁ ଆମେ ସମସ୍ତେ ନୂତନ ସରକାରଙ୍କୁ ଏହାର ପ୍ରୟାସରେ ସମର୍ଥନ କରିବା। ବିଜୟ ଆଶା, ଏକତା ଏବଂ ପ୍ରଗତିର ଉତ୍ସବ। ଏନଡିଏର ନେତୃତ୍ୱରେ ବିହାର ସମୃଦ୍ଧ ହେଉ। ନିର୍ବାଚନ ଫଳାଫଳ ବିହାରର କାହାଣୀରେ ଏକ ନୂତନ ଅଧ୍ୟାୟ ଆଣିଛି। ଏହି ଅଧ୍ୟାୟ ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଲେଖାଯାଇଛି। ଏହା ସଫଳତା ଏବଂ ସମୃଦ୍ଧିର କାହାଣୀ ହେଉ। ଏନଡିଏର ବିଜୟ ଗଣତନ୍ତ୍ରର ଶକ୍ତିର ପ୍ରମାଣ। ଏହା ଦର୍ଶାଏ ଯେ ଲୋକମାନେ ଶାନ୍ତିପୂର୍ଣ୍ଣ ଉପାୟରେ ପରିବର୍ତନକୁ ପ୍ରଭାବିତ କରିପାରିବେ। ମେଂଟକୁ ଏବେ ପ୍ରମାଣ କରିବାକୁ ପଡିବ ଯେ ଏହା ଦାୟିତ୍ୱପୂର୍ଣ୍ଣ ଭାବରେ ଶାସନ କରିପାରିବ। ଲୋକମାନେ ଦେଖୁଥିବେ ଏବଂ ଆଶା ଅଧିକ। ଏନଡିଏର ବିଜୟ ସମସ୍ତ ନିର୍ବାଚିତ ପଦାଧିକାରୀଙ୍କ ପାଇଁ ସେବା ପାଇଁ ଏକ ଆହ୍ୱାନ। ସେମାନେ ସମର୍ପିତ ଏବଂ ନିଷ୍ଠାର ସହିତ ସେହି ଆହ୍ୱାନର ଉତର ଦିଅନ୍ତୁ। ବିହାରର ଭବିଷ୍ୟତ ଏନଡିଏ ସହିତ ଭଲ ହାତରେ ଅଛି। ଆସନ୍ତୁ ଆମେ ସମସ୍ତେ ସେମାନଙ୍କ ସଫଳତା ଏବଂ ରାଜ୍ୟର ମଙ୍ଗଳ ପାଇଁ ପ୍ରାର୍ଥନା କରିବା। ନିର୍ବାଚନ ଆଶାବାଦ ଏବଂ ସମ୍ଭାବନାର ଭାବନା ଆଣିଛି। ଏହି ଆଶାବାଦକୁ କାର୍ଯ୍ୟରେ ପରିଣତ କରିବାକୁ ପଡିବ। ଏନଡିଏ ତାର ପ୍ରତିଶ୍ରୁତି ପୂରଣ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ। ଲୋକମାନେ ସେମାନଙ୍କ ଉପରେ ନିର୍ଭର କରୁଛନ୍ତି। ବିଜୟ ଏକ ସ୍ମରଣକାରୀ ଯେ ଗଣତନ୍ତ୍ର ଏକ ନିରନ୍ତର ପ୍ରକ୍ରିୟା। ଏଥିପାଇଁ ଅଂଶଗ୍ରହଣ, ସତର୍କତା ଏବଂ ଉତରଦାୟିତ୍ୱ ଆବଶ୍ୟକ। ଏନଡିଏର ବିଜୟ ସେହି ପ୍ରକ୍ରିୟାର ଏକ ଉତ୍ସବ। ସରକାର ନୀତି ଏବଂ ସେବାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖନ୍ତୁ। ନିର୍ବାଚନ ଫଳାଫଳ ରାଜନୈତିକ ସମ୍ପର୍କ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଭୋଟରଙ୍କ ମତଦାନ ଅଧିକ ଥିଲା ଏବଂ ପ୍ରକ୍ରିୟା ସୁଗମ ଥିଲା। ଏହା ବିହାରର ଭୋଟରଙ୍କ ପରିପକ୍ୱତାକୁ ପ୍ରତିଫଳିତ କରେ। ଏନଡିଏକୁ ଏହି ଗତି ଉପରେ ନିର୍ମାଣ କରିବାକୁ ପଡିବ।

# ଗଣମାଧ୍ୟମ ଓ ଗଣତନ୍ତ୍ର

## ମାନସ ରଂଜନ ଖଣ୍ଡୁଆଳ

୧୯୬୬ ମସିହାରେ ନଭେମ୍ବର ୧୬ ତାରିଖରେ ଭାରତରେ ପ୍ରଥମ ପ୍ରେସ୍ କାଉନସିଲ୍ କାମ ଆରମ୍ଭ କରିଥିଲା । ସମ୍ବାଦବାହୀ ଗଣମାଧ୍ୟମକୁ ସାମଗ୍ରିକ ଭାବେ ପ୍ରେସ୍ ବୋଲି କୁହାଯାଏ । ଏକ ମୁକ୍ତ ଓ ଦାୟିତ୍ୱଶୀଳ ପ୍ରେସର ପ୍ରତୀକ ଭାବରେ ଏହି ଦିନଟିକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଏ । ପ୍ରେସ୍ କାଉନ୍ସିଲ୍ ଏକ ନୈତିକ ପ୍ରହରୀ । ଦୁଇଟି ମୁଖ୍ୟ ଉଦ୍ଦେଶ୍ୟରେ ଏହା ଗଠିତ ହୋଇଥିଲା । ପ୍ରଥମ: ପ୍ରେସ୍ ବା ସମ୍ବାଦବାହୀ ଗଣମାଧ୍ୟମର ମାନ ବଜାୟ ରଖିବା,ଦ୍ୱିତୀୟ : ଏହାକୁ ବାହ୍ୟ ଚାପ ଓ ପ୍ରଭାବରୁ ମୁକ୍ତ ରଖିବାଭାରତରେ ପ୍ରଥମ ପ୍ରେସ୍ କମିସନର ସୁପାରିଶରେ ପାର୍ଲାମେଣ୍ଟର ଏକ ଆଇନ ବଳରେ ଜନ୍ମ ନେଇଥିଲା ପ୍ରେସ୍ କାଉନ୍ସିଲ୍ । ଏ ଆଇନଟି ପାସ୍ ହୋଇଥିଲା ୧୯୬୫ ମସିହା ନଭେମ୍ବର ୧୨ ତାରିଖରେ । ବିଶ୍ୱର ଆହୁରି ଅନେକ ଦେଶରେ ପ୍ରେସ୍ କାଉନ୍ସିଲ୍ ଅଛି । ତେବେ ଭାରତର ପ୍ରେସ୍ କାଉନ୍ସିଲର ମାନ୍ୟତା ଭିନ୍ନ । କାରଣ, ସାରା ବିଶ୍ୱରେ ଏହା ଏକମାତ୍ର ସଙ୍ଗଠନ ଯାହା ପ୍ରେସର ସ୍ୱାଧୀନତା ରକ୍ଷା ପାଇଁ ସେଫଟର ଅନ୍ୟାନ୍ୟ ଅଙ୍ଗ ଉପରେ ପ୍ରଭୁତ୍ୱ ଜାହିର କରିପାରେ । ଜଣେ ଅଧ୍ୟକ୍ଷଙ୍କୁ ମିଶାଇ ୨୫ ଜଣ ସଭ୍ୟଙ୍କୁ ନେଇ ଏହି ପ୍ରେସ୍ କାଉନସିଲ୍ ଗଠିତ ହୋଇଥିଲା । ସଭ୍ୟମାନଙ୍କ ଭିତରେ ଥାନ୍ତି ସାମ୍ବାଦିକ, ସମ୍ପାଦକ, ଶିକ୍ଷା, ବିଜ୍ଞାନ, ସାହିତ୍ୟ ଓ ଆଇନ କ୍ଷେତ୍ରରେ କୃତବିଦ୍ୟ ବ୍ୟକ୍ତିତ୍ୱ ଓ ସାଂସଦମାନେ । ପ୍ରଥମ ଅଧ୍ୟକ୍ଷ ଥିଲେ ବିଚାରପତି ଜେ.ଆର.ମୁଧଲକର । ଆରମ୍ଭରେ କେବଳ ସମ୍ବାଦପତ୍ର ପତ୍ରିକାମାନଙ୍କୁ ଏହାର ପରିସର ଅନ୍ତର୍ଭୁକ୍ତ କରାଯାଇଥିଲା । ୧୯୭୦ରେ ସମ୍ବାଦ-ପ୍ରେରଣ ସଂସ୍ଥା(ନିଉଜ ଏଜେନ୍ସି) ଗୁଡ଼ିକୁ ମଧ୍ୟ ଏହାର ପରିସର ଭୁକ୍ତ କରାଗଲା । ୧୯୭୫ରେ ଜରୁରୀ କାଳୀନ ପରିସ୍ଥିତିବେଳେ ପ୍ରେସ୍ କାଉନସିଲକୁ ଭାଙ୍ଗି ଦିଆଯାଇଥିଲା । ତା'ପରେ ଜନତା ସରକାର ଆସିବା ପରେ ୧୯୭୮ରେ ନୂଆ ପ୍ରେସ୍ କାଉନସିଲ ଆଇନ କରାଗଲା । ୧୯୭୯ରେ ପୁଣି ଏହା କାର୍ଯ୍ୟ ଆରମ୍ଭ କଲା । ଦ୍ୱିତୀୟ ପ୍ରେସ୍ କାଉନସିଲରେ ଜଣେ ଅଧ୍ୟକ୍ଷଙ୍କ ସହ ୨୮ ଜଣ ସଭ୍ୟ ରହିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରେଡିଓ, ଟେଲିଭିଜନ ଏବଂ ଓ୍ୱେବ୍ ମାଧ୍ୟମ ଏଯାଏଁ ପ୍ରେସ୍ କାଉନ୍ସିଲର ପରିସର ଭୁକ୍ତ ହୋଇନାହିଁ । ବେଶ କେଇବର୍ଷ ହେଲା ଏ ମାଧ୍ୟମଗୁଡ଼ିକୁ ମଧ୍ୟ ପ୍ରେସ୍ କାଉନ୍ସିଲର ପରିସର ଭୁକ୍ତ କରିବାର ଦାବି ହେଉଛି । ଯୁକ୍ତି ହେଲା, ସମ୍ବାଦ ପ୍ରସାରଣ କ୍ଷେତ୍ରରେ ଏ ମାଧ୍ୟମଗୁଡ଼ିକ ମଧ୍ୟ ଏବେ ବେଶ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଲାଣି । ପ୍ରେସର ସ୍ୱାଧୀନତା ରକ୍ଷା - ପ୍ରେସ୍ କାଉନ୍ସିଲର ଅନ୍ୟତମ ମୁଖ୍ୟ କାର୍ଯ୍ୟ । ବ□ମାନ ଭାରତରେ ପ୍ରେସର ସ୍ୱାଧିନତା ଉପରେ ଆକ୍ରମଣର ଘଟଣା ବି ବଢି ଚାଲିଛି। ଏପରି ପରିସ୍ଥିତିରେ ପ୍ରେସ୍ କାଉନସିଲ କେତେଦୂର ସକ୍ରିୟ ଏବଂ ଫଳପ୍ରଦ ଭୂମିକା ଗ୍ରହଣ କରୁଛି ତାହା ଉପରେ ଅନେକ କିଛି ନିର୍ଭର କରୁଛି । କାରଣ, ଗୋଟିଏ କଥା ଅନସ୍ୱୀକାର୍ଯ୍ୟ ଯେ ପ୍ରେସ୍ ଉପରେ ଆକ୍ରମଣ ସୁସ୍ଥ ଗଣତନ୍ତ୍ର ପାଇଁ ଏକ ବିପଦ । ସମ୍ବାଦବାହୀ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ । ତା'ର କାରଣ ଗଣତନ୍ତ୍ରରେ ଗଣର ଆଶା, ଆକାଂକ୍ଷା, ଅନୁଭବ ଓ ଅଭିଜ୍ଞତାକୁ ଗଣମାଧ୍ୟମ ହିଁ ଉପସ୍ଥାପନ କରିଥାଏ । ଏହା ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଏକ ଯୋଗସୂତ୍ର। ଅନ୍ୟ ଦୃଷ୍ଟିରୁ ଦେଖିଲେ ଜନସାଧାରଣଙ୍କ ପାଇଁ ଏହା ପ୍ରହରୀର କାର୍ଯ୍ୟ ତୁଲାଇଥାଏ । ଗଣମାଧ୍ୟମ ଉପରେ ଆକ୍ରମଣ- ଅର୍ଥ ଗଣତନ୍ତ୍ର ଉପରେ ଆକ୍ରମଣ । ସମ୍ପ୍ରତି ପ୍ରେସ୍ ଉପରେ ଆକ୍ରମଣ ବି ବଢି ଚାଲିଛି । ଆକ୍ରମଣ ଚାରି ଆଡୁ । ଆକ୍ରମଣର ସ୍ୱରୂପ ମଧ୍ୟ ଭିନ୍ନ ଭିନ୍ନ । କେଉଁଠି ସାମ୍ବାଦିକମାନଙ୍କ ଉପରେ ଦୈହିକ ଆକ୍ରମଣ ହେଉଛି ତ କେଉଁଠି ତାକୁ ମାନସିକ ସ୍ତରରେ ଦୁର୍ବଳ କରି ଦେବାର ସକ୍ରିୟ ଚେଷ୍ଟା ଚାଲିଛି । କେଉଁଠି ପ୍ରଲୋଭନ ଦିଆଯାଉଛି ତ କେଉଁଠି ତା'ର ଜୀବିକାକୁ ଅସୁରକ୍ଷିତ କରି ଦିଆଯାଉଛି । ସାମ୍ବାଦିକର ଦାୟିତ୍ୱ ହେଲା ସତ୍ୟ ଖବର ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିବା । ସତ୍ୟକୁ ଆଲୋକକୁ ଆଣିବା । ଏଥିପାଇଁ ଅନୁସନ୍ଧାନମୂଳକ ସାମ୍ବାଦିକତା ଏକ ବଡ଼ ଆୟୁଧ । କିନ୍ତୁ ତାହା କରିବାରେ ନାନା ପ୍ରକାର ବାଧା ଠିଆ କରାଯାଉଛି । ଷ୍ଟିଙ୍ଗ୍ ଅପରେସନକୁ ନେଇ ଏବେ ଯେଉଁ ବିତର୍କ ଚାଲିଛି- ତାକୁ ଲକ୍ଷ୍ୟ କଲେ ମନେହୁଏ- ବ୍ୟକ୍ତିଗତ ଗୋପନୀୟତାର ଆଳରେ କେତେକେ ସତ୍ୟ ଉଦ୍‌ଘାଟନରେ ବାଧା ସୃଷ୍ଟି କରିବାକୁ ବଦ୍ଧ ପରିକର । ଯେଉଁ ସତ୍ୟ ସହିତ ସାଧାରଣ ଜନତାର ସ୍ୱାର୍ଥ ଜଡ଼ିତ ତାକୁ ଉଦ୍‌ଘାଟନ କରିବା ପ୍ରେସର ଦାୟିତ୍ୱ । ପୁଣି ପ୍ରେସ୍ ବିରୋଧରେ କେତେକେ ଏ ଅଭିଯୋଗ କରୁଛନ୍ତି ଯେ ଏହା ବିଚାରକର ଭୂମିକା ଗ୍ରହଣ କରୁଛି । କୋର୍ଟରେ ବିଚାର ପୂର୍ବରୁ ଜଣକୁ ଦୋଷୀ ସାବ୍ୟସ୍ତ କରିଦେଉଛି । ଏହାଦ୍ୱାରା ବିଚାରଳୟରେ ବିଚାରରେ ଅସୁବିଧା ହେଉଛି । କୌଣସି ଘଟଣାରେ ଯଦି ବିଚାରରେ ଅହେତୁକ ଭାବେ ବିଳମ୍ବ ହୁଏ, କିମ୍ବା ବିଚାରରେ ତ୍ରୁଟି ରହିଯାଏ, ତେବେ ସେ ଘଟଣାକୁ ଜନସ୍ୱାର୍ଥରେ ଲୋକଲୋଚନକୁ ଆଣିବା ପ୍ରେସର ଦାୟିତ୍ୱ । ଏହାଦ୍ୱାରା ପ୍ରେସ୍ ବରଂ ନ୍ୟାୟ ବିଚାରରେ ସାହାଯ୍ୟ କରୁଛି । ସାମ୍ପ୍ରତିକ ପ୍ରିୟଦର୍ଶିନୀ ମାଟ୍ଟୁ କେସରେ ଏଇଆହିଁ ହୋଇଛି । ଯେଉଁ ଆସାମୀକୁ ତଳ କୋର୍ଟ ପ୍ରମାଣ ଅଭାବ ଦର୍ଶାଇ ଖଲାସ କରିଦେଇଥିଲେ, ଜନମତର ଚାପରେ ତା'ର ପୁର୍ନବିଚାର କରାଗଲା । ଆଉ ଉଚ୍ଚ ନ୍ୟାୟାଳୟ ଆସାମୀକୁ ମୃତ୍ୟୁଦଣ୍ଡ ଦେଲେ । ଏ କ୍ଷେତ୍ରରେ ପ୍ରେସର ଭୂମିକାକୁ ତର୍ଜମା କଲେ ଦେଖାଯିବ- ଏହା ନ୍ୟାୟ ବିଚାରରେ ବିଚାରାଳୟକୁ ବରଂ ସାହାଯ୍ୟ କରିଛି । ଜାତୀୟ ପ୍ରେସ୍ ଦିବସରେ ଏ ବିଷୟଗୁଡ଼ିକ ନେଇ ଆଲୋଚନା କରାଯିବା ଆବଶ୍ୟକତା ରହିଛି । ଗଣତନ୍ତ୍ରକୁ ସୁସ୍ଥ ଭାବରେ ବଜାୟ ରଖିବା ପାଇଁ ଗଣମାଧ୍ୟମକୁ ମୁକ୍ତ ଏବଂ ଅବାଧ ଭାବେ କାର୍ଯ୍ୟ କରିବାର ସ୍ୱାଧୀନତା ଦେବା ଦରକାର । ନହେଲେ ଗଣତନ୍ତ୍ରର ନିଅଁ ଦୋହଲିଯିବ । ତେବେ ସ୍ୱାଧୀନତା ସହିତ ଏକ ଦାୟିତ୍ୱବୋଧ ମଧ୍ୟ ରହିଛି । ଦାୟିତ୍ୱହୀନ ସ୍ୱାଧୀନତା- ସ୍ୱେଚ୍ଛାଚାରିତାକୁ ବାଟ କଢେଇ ଦିଏ ।ଜାତୀୟ ପ୍ରେସ୍ ଦିବସ ଅବସରରେ ଏ ବିଷୟଟି ପ୍ରତି ସମସ୍ତେ ସଚେତନ ହେବା ଦରକାର ।

କାକଟପୁର, ଅସ୍ତରଙ୍ଗ
ମୋ :-୯୯୩୭୭୪୨୧୬୦

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

## ଡାକ୍ତର ସମ୍ରାଟ କର ■

ସଂସ୍କୃତର ଯଜୁ ଧାତୁରୁ ଯୋଗ ଶବ୍ଦର ଉତ୍ପତ୍ତି। ଯାହାର ଅର୍ଥ ଯୋଡ଼ିବା। ଅର୍ଥାତ ଯୋଗ ଶରୀର, ମନ ଏବଂ ଆତ୍ମାକୁ ଗୋଟିଏ ସୂତ୍ରରେ ଯୋଡ଼ିଥାଏ। ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଯୋଗାଭ୍ୟାସ। ଏହା ଉଭୟ ଶରୀର ଓ ମନକୁ ସୁସ୍ଥ ଏବଂ ସତେଜ ରଖିଥାଏ। ଦିନଚର୍ଯ୍ୟାରେ ଯୋଗାଭ୍ୟାସକୁ ସଂଯୋଜିତ କରିବା ଫଳରେ ଦେହ ମନରେ ସକାରାତ୍ମକ ଶକ୍ତି ସଞ୍ଚରିତ ହୋଇଥାଏ। ବର୍ତ୍ତମାନ ଜୀବନଶୈଳୀରେ ବ୍ୟତିକ୍ରମ ଓ ମାନସିକ ଚାପ ଯୋଗୁଁ ଶାରୀରିକ ସମସ୍ୟା ବଢ଼ିଯାଉଛି। ଅଣ୍ଟା, ମେରୁଦଣ୍ଡ, ବେକ ଯନ୍ତ୍ରଣା ଆଦି ଅତି ସାଧାରଣ କଥା ପାଲଟିଛି। ଖାଲି ଏତିକି ନୁହେଁ, ବୟସଜନିତ ସମସ୍ୟା ମଧ୍ୟ ଆଜିକାଲି ଯୁବପିଢ଼ିଙ୍କ କ୍ଷେତ୍ରରେ ଦେଖାଗଲାଣି। ତେଣୁ ଏଥିରୁ ଦୂରେଇବାକୁ ହେଲେ ଏକ ସହଜ ଉପାୟ ହେଉଛି ଦୈନନ୍ଦିନ ଜୀବନରେ ଯୋଗାଭ୍ୟାସ।

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମାଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା।

ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଆମ୍ଭର ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା। ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ତ୍ୱାବଧାନ। ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶିକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି। ଚିକିତ୍ସା କ୍ଷେତ୍ରକୁ ବାଦ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିନ୍ତ ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଲିଭର ପ୍ରତିରୋପଣ

## ଉମେଶ ଚନ୍ଦ୍ର ପାତ୍ର ■

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ ଗ୍ରନ୍ଥି । ଏହା ପାଚନ ପ୍ରକ୍ରିୟାରେ ସହାୟକ ଏକାଧିକ ପାଚନ ରସ ସୃଷ୍ଟି କରେ । ଏହା ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ କରିଥାଏ । ଖାଦ୍ୟ, ଔଷଧ ଓ ବିଭିନ୍ନ ହରମୋନ୍ ଇତ୍ୟାଦି ଯକୃତରେ ହଜମ ହୋଇଥାଏ । ଯକୃତ ପିତ୍ତରସ କ୍ଷରଣ କରେ ଯାହା ଚର୍ବି ଓ ଭିଟାମିନ୍ ହଜମରେ ସାହାଯ୍ୟ କରେ । ଶରୀରର ସମସ୍ତ ପ୍ରୋଟିନ୍ ଯକୃତରେ ତିଆରି ହୁଏ । ରୋଗ ପ୍ରତିରୋଧ ଶକ୍ତି ନିୟନ୍ତ୍ରଣରେ ଯକୃତର ପ୍ରମୁଖ ଭୂମିକା ରହିଛି ।

ବର୍ତ୍ତମାନ ଯକୃତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ, ହେପାଟାଇଟିସ୍ ବି ଓ ସି ସଂକ୍ରମଣ, ଲିଭର ଶିରା-ପ୍ରଶିରାରେ ରକ୍ତ ସଞ୍ଚାଳନ ରୁଦ୍ଧ ହେବା, ଫେଟି ଲିଭର ରୋଗ, ବିଲିଆରୀ ସିରୋସିସ୍, ସ୍କ୍ଲେରୋଜିଂ କୋଲାଞ୍ଜାଇଟିସ୍, ଜନ୍ମଗତ ଲିଭର ରୋଗ, ଅଟୋଇମ୍ୟୁନ୍ ଲିଭର ସଂକ୍ରମଣ, ବିଲିୟାରୀ ଏଟ୍ରେସିଆ, ହେପାଟୋବ୍ଲାଷ୍ଟୋମା ଓ ଲିଭର କ୍ୟାନସର ଇତ୍ୟାଦି ଲିଭର ରୋଗର ମୁଖ୍ୟ କାରଣ । ଏହିସବୁ ରୋଗରେ ଆକ୍ରାନ୍ତ ହୋଇ ଯେତେବେଳେ ଯକୃତ ଅକର୍ମଣ୍ୟ ହୋଇଯାଏ ବା ଲିଭର ତାର ନିଜସ୍ୱ କର୍ମ କରିବାରେ ଅସଫଳ ହୁଏ ସେତେବେଳେ ଲିଭର ପ୍ରତିରୋପଣ ଆବଶ୍ୟକ ହୋଇଥାଏ । ବିଭିନ୍ନ ଔଷଧ ମାଧ୍ୟମରେ ଚିକିତ୍ସା କଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ନିମିତ୍ତ ଲିଭର ପ୍ରତିରୋପଣ ନିହାତି ଆବଶ୍ୟକ । ଲିଭର ସିରୋସିସ୍, ଲିଭର କ୍ୟାନସର ଓ ଲିଭର ଫେଲ୍ୟୁଓର୍ ଇତ୍ୟାଦି ରୋଗର ଆରୋଗ୍ୟ ନିମିତ୍ତ ଲିଭର ଟ୍ରାନ୍ସପ୍ଲାଣ୍ଟ ବା ଯକୃତ ପ୍ରତିରୋପଣ ଏକାନ୍ତ ଆବଶ୍ୟକ ।

ଲିଭର ପ୍ରତିରୋପଣ ହେଉଛି ଏକ ରୋଗାକ୍ରାନ୍ତ ଲିଭରକୁ ରୋଗୀର ଶରୀରରୁ ବାହାର କରି ସେହି ସ୍ଥାନରେ ଏକ ସୁସ୍ଥ ଲିଭର ବା ତାହାର କିଛି ଅଂଶକୁ ଏକ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ରଖିବାର ପଦ୍ଧତି । ସମ୍ପୂର୍ଣ୍ଣ ଯକୃତ ବା ତାହାର ଅର୍ଦ୍ଧେକ ଅଂଶକୁ ଏକ ବ୍ରେନ ଡେ଼ଡ୍ ବା ସୁସ୍ଥ ବ୍ୟକ୍ତି ଦେହରୁ ଅସ୍ତ୍ରୋପଚାର ମାଧ୍ୟମରେ ଆଣି ରୋଗୀର ଶରୀରରେ ରଖିବାର ପଦ୍ଧତିକୁ ଲିଭର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଏହି ପ୍ରତିରୋପଣ ହେଉଛି ଏକ ଜୀବନ ରକ୍ଷାକାରୀ ଚିକିତ୍ସା ପଦ୍ଧତି ଯାହା ରୋଗୀକୁ ଏକ ନୂତନ ଜୀବନ ପ୍ରଦାନ କରିଥାଏ । ଆକସ୍ମିକ ଦୁର୍ଘଟଣାରୁ ଯେଉଁ ବ୍ୟକ୍ତିମାନେ ବ୍ରେନ୍ ଡେଡ୍ ହୋଇଯାନ୍ତି ସେମାନଙ୍କର ଶରୀରରୁ ସୁସ୍ଥ ଲିଭର, କିଡ୍‌ନୀ, ଫୁସ୍‌ଫସ୍, କର୍ଣ୍ଣିଆ ଓ ଖାଦ୍ୟନଳୀ ବାହାର କରି ରୋଗୀମାନଙ୍କ ଶରୀରରେ ରଖାଯାଏ, ଯାହାକୁ ମୃତ ଡୋ଼ନର୍ ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଯେତେବେଳେ ସୁସ୍ଥ ବ୍ୟକ୍ତି ତାଙ୍କର ଅର୍ଦ୍ଧେକ ଲିଭର ତାଙ୍କର ସମ୍ପର୍କୀୟ ରୋଗୀମାନଙ୍କୁ ଦାନ କରନ୍ତି ସେ କ୍ଷେତ୍ରରେ ଜୀବନ୍ତ ଡୋନର୍ ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଲିଭର ହେଉଛି ଶରୀରର ଏକମାତ୍ର ଗ୍ରନ୍ଥି ଯାହାର ଅସାଧାରଣ ରିଜେନେରେଟିଭ (ବୃଦ୍ଧି) ଶକ୍ତି ରହିଛି । ସେଥିପାଇଁ ଅର୍ଦ୍ଧେକ ଲିଭର ଯାହା ଦାନ କରାଯାଏ ତାହା ୧-୨ ମାସ ମଧ୍ୟରେ ଉଭୟ ଗ୍ରହୀତା ଓ ଦାତାଙ୍କ ଶରୀରରେ ବୃଦ୍ଧି ପାଇ ସାଧାରଣ କର୍ମଦକ୍ଷତାକୁ ଫେରି ଆସେ ।




ପ୍ରତିରୋପଣ କେନ୍ଦ୍ରରେ ସାଧାରଣତଃ ପ୍ରତିରୋପଣ କରୁଥିବା ସର୍ଜନ, ଲିଭର ବିଶେଷଜ୍ଞ, ରେଡ଼ିଓଲଜିଷ୍ଟ, ପାଥୋଲଜିଷ୍ଟ, ବାଓକେମିଷ୍ଟ୍ରି ବିଶେଷଜ୍ଞ, ଟ୍ରାନ୍ସଫ୍ୟୁଜନ ବିଶେଷଜ୍ଞ, ମାଇକ୍ରୋବାୟୋଲଜିଷ୍ଟ, କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ, ପଲ୍‌ମ୍ୟୁନାରୀ ବିଶେଷଜ୍ଞ ଓ ଆନାସ୍ଥେସିଆ ବିଶେଷଜ୍ଞ ଇତ୍ୟାଦି ବିଭିନ୍ନ ବିଭାଗର ଚିକିତ୍ସକମାନେ ରହି ଏକ ସମ୍ମିଳିତ ଉଦ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନିଅନ୍ତି ।

ପ୍ରତିରୋପଣ କ୍ଷେତ୍ରରେ ଦାତା (ଡୋନର) ଓ ଗ୍ରହୀତା (ରସିପିଏଣ୍ଟ) ଉଭୟଙ୍କର ସମସ୍ତ ପ୍ରକାର ପରୀକ୍ଷା କରାଯାଏ । ସାଧାରଣତଃ ନିଜ ପରିବାର ବା ରକ୍ତ ସମ୍ପର୍କୀୟମାନେ ରୋଗୀ ନିମିତ୍ତ ଯକୃତ ଦାନ କରିଥାନ୍ତି । ବିଶେଷ କ୍ଷେତ୍ରରେ ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଲିଭର ଦାନ କରିପାରନ୍ତି ଯଦି ତାଙ୍କର ରକ୍ତ ସହ ରୋଗୀର ରକ୍ତ ମେଳ ଖାଏ । ଉଭୟ ଦାତା ଓ ଗ୍ରହୀତାଙ୍କର ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା, ଅଲ୍‌ଟ୍ରାସାଉଣ୍ଡ, ଏକ୍ସରେ, ସିଟି ସ୍କାନ୍, ଏମ୍.ଆର.ଆଇ, ଇସିଜି, ଇକୋକାର୍ଡିଓଗ୍ରାଫି, ଏଞ୍ଜିଓଗ୍ରାଫି ଦାନ୍ତ ପରୀକ୍ଷା ଓ ମହିଳାମାନଙ୍କ କ୍ଷେତ୍ରରେ ମାମୋଗ୍ରାଫି ଇତ୍ୟାଦି ପରୀକ୍ଷା କରାଯାଏ । ଯକୃତର ପରିମାଣ ମାପିବା ପାଇଁ ବିଭିନ୍ନ ପ୍ରକାର ଏମ୍.ଆର୍.ଆଇ ପରୀକ୍ଷା କରାଯାଏ । ତାହା ସହିତ ଗ୍ରହୀତାର ମାନସିକ, ଆର୍ଥିକ ଓ ସାମାଜିକ ଅବସ୍ଥାକୁ ମାନସିକ ବିଶେଷଜ୍ଞମାନେ ଅନୁଧ୍ୟାନ କରନ୍ତି ।

ଯଦି କୌଣସି ବ୍ୟକ୍ତିର ଜୀବାଣୁ ସଂକ୍ରମଣ, ହୃତ୍‌ପିଣ୍ଡ, କିଡ୍‌ନୀ, ଫୁସ୍‌ଫୁସ. ବୃକକ୍‌ର ରୋଗ ବା କ୍ୟାନସର ଇତ୍ୟାଦି ରୋଗ ଥାଏ ସେମାନେ ପ୍ରତିରୋପଣ ପାଇଁ ଉପଯୁକ୍ତ ହୁଅନ୍ତି ନାହିଁ । ଯେଉଁ ରୋଗୀମାନେ ମଦ୍ୟପାନ କରନ୍ତି ଅନ୍ତତଃ ଛଅ ମାସ ସେମାନେ ମଦ୍ୟପାନରୁ ନିବୃତ୍ତ ହେବା ଆବଶ୍ୟକ । ଉଭୟ ଦାତା ଓ ଗ୍ରହୀତାଙ୍କର ଏକ ସାଙ୍ଗରେ ଦୁଇଟି ଟେବୁଲରେ ଅସ୍ତ୍ରୋପଚାର କରାଯାଏ ।

ଅସ୍ତ୍ରୋପଚାର କକ୍ଷରେ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଦାତାଙ୍କ ଦେହରୁ ଯକୃତର ଅର୍ଦ୍ଧେକ ଅଂଶ କାଟି ବାହାର କରନ୍ତି । ଆଉ ଏକ ଟିମ୍ ରୋଗୀର ଦେହରୁ ରୋଗଗ୍ରସ୍ତ ଲିଭରକୁ ବାହାର କରନ୍ତି । ତାପରେ ନୂଆ ଲିଭର ଆସିଲେ ରୋଗୀର ଦେହରେ ତାହା ରଖି ତାର ରକ୍ତ ନଳୀ, ପିତ୍ତନଳୀ ଓ ଅନ୍ୟାନ୍ୟ ରକ୍ତ ଶିରା ସହିତ ଯୋଗାଯୋଗ ରକ୍ଷା କରନ୍ତି, ଯାହାଫଳରେ ନୂଆ ଲିଭରକୁ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଯାଏ । ଅପାରେସନ୍ ପରେ ରୋଗୀ ସାଧାରଣତଃ ଏକ ସପ୍ତାହ ଆଇ.ସି.ୟୁରେ ଚବିଶ ଘଣ୍ଟା ପରୀକ୍ଷା ନିରୀକ୍ଷା ଭିତରେ ରହେ । ଧୀରେ ଧୀରେ ରୋଗୀ ଭେଣ୍ଟିଲେଟରରୁ ବାହାରି ଆସେ ଓ ଆରୋଗ୍ୟ ଲାଭ କରେ ।

ଲିଭର ପ୍ରତିରୋପଣ ଏକ ଜଟିଳ ଚିକିତ୍ସା ପଦ୍ଧତି । ପ୍ରତିରୋପଣ ପରେ ରୋଗୀର ହୁଏତ ସଂକ୍ରମଣ, ରକ୍ତକ୍ଷରଣ, ପିତ୍ତ ଲିକ୍, ଶିରାରେ ରକ୍ତ ପ୍ରବାହିତ ନହେବା ବା ରିଜେକ୍‌ସନ୍ ଇତ୍ୟାଦି କମ୍ପ୍ଲିକେସନ୍ ହୋଇପାରେ । କିନ୍ତୁ ଠିକ୍ ସମୟରେ ଚିକିତ୍ସା କଲେ ସାଧାରଣତଃ ଅନ୍ତତଃ ୯୦ ଶତାଂଶ ରୋଗୀ ୧ ବର୍ଷ ଓ ୭୫ ଶତାଂଶ ରୋଗୀ ୧୦ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଜୀବନଯାପନ କରନ୍ତି । ଏହି ଚିକିତ୍ସା ଭାରତବର୍ଷର କତିପୟ କର୍ପୋରେଟ୍ ହସ୍‌ପିଟାଲରେ ଉପଲବ୍ଧ ହୋଇଛି । ଓଡ଼ିଶାର ମହାମହିମ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ବ୍ୟୟବହୁଳ ଓ ଜଟିଳ ଚିକିତ୍ସା ପଦ୍ଧତିକୁ ଓଡ଼ିଶାରେ ନିଶୁଳ୍କ ଉପଲବ୍ଧ କରିବା ପାଇଁ ସତତ ପ୍ରଚେଷ୍ଟାରେ ଅଛନ୍ତି । ଉଭୟ ଦାତା ଓ ଗ୍ରହୀତା ଏହି ଟ୍ରାନସ୍‌ପ୍ଲାଣ୍ଟ ମାଧ୍ୟମରେ ସୁସ୍ଥ ଜୀବନଯାପନ କରୁଛନ୍ତି ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଏସ୍.ସି.ବି. ମେଡିକାଲ କଲେଜ, କଟକ, ମୋବାଇଲ - ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଭିଜିଲାନସ ଜାଲରେ ବାରକୋଟ ବ୍ଲକ କାଦପୋଡ଼ା ସୋସାଇଟିର ପେକ୍ସ ସଂପାଦକ

ଦେବଗଡ, (ମହାଭାରତ): ଦେବଗଡ ଜିଲ୍ଲା ବାରକୋଟ ବ୍ଲକ କାଦୋପଡା ଗାଁ ସୋସାଇଟି ର ପେକ୍ସ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ । ୪୦.୭୧ ଲକ୍ଷ ଟଙ୍କା ହେରଫେର ମାମଲାରେ ପେକ୍ସ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ଗିରଫ । ଚାଷୀ ଫେରସ୍ତ କରୁଥିବା ଋଣ ଟଙ୍କାକୁ ବ୍ୟକ୍ତିଗତ ଭାବେ ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଚାଷୀମାନଙ୍କ ?ଋଣ ଟଙ୍କା ଠକେଇ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଶୁକ୍ରବାର ଦିନ ପାକ୍ସ ସଂପାଦକଙ୍କୁ ଗରିଫ କରିଛି । ଏନେଇ ରାଉରକେଲା ଭିଜିଲାନ୍ସ ପୁଲିସ ଶ୍ରୀ ସାହୁଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଗିରଫ କରିଛି । ଗିରଫ ପରେ ଶ୍ରୀ ସାହୁଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରଖିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ସ୍ଥାନୀୟ ଏସ୍. ଏନ୍ କଲ୍ୟାଣ ମଣ୍ଡପ ପରିସର ରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ, ୨୦୨୫. ମହା ସମାରୋହରେ ପାଳିତ ହୋଇଯାଇଛି । ୫୦ ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମାଁ ମାନେ ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ, କଳାହାଣ୍ଡି, ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହଳଧର ନିଆଲ , ଜିଲ୍ଲା ମୂଖ୍ୟ କୃଷି ଅଧିକାରୀ,ପ୍ରମୋଦ ବେହେରା, ଉପ ନିର୍ଦ୍ଦେଶକ, ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ, ଡଃ ବିଜୟ କୁମାର ସେନାପତି, ପ୍ରକଳ୍ପ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରଭାକର ନାୟକ, ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର, ରିଲାଏନ୍ସ ଫାଉଣ୍ଡେସନ ଦେବେନ୍ଦ୍ର ପଟେଲ, ଷ୍ଟେଟ୍ ଥିମାଟିକ୍ ଲିଡ୍ ସୁଶୀଲ୍ ବେହେରା, ପ୍ରୋଜେକ୍ଟ ଡାଇରେକ୍ଟର, କର୍ତ୍ତବ୍ୟ ତଥା ଅନ୍ୟ ଅତିଥି ବୃନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର ମତ୍ସ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟଧାରା ଉପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ । ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ପଦାଧିକାରୀ ମାନେ ସୂଚନା ଦେଇଥିଲେ କରିଥିଲେ । ଏହା ସହିତ ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦ ର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଦିଗ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତି ର ବିକାଶ ପାଇଁ ପ୍ରାଣୀ ପାଳନ କୁକୁଡ଼ା ପାଳନ ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ବିଶେଷଭାବେ ଅତିଥିମାନେ ମତ୍ସ୍ୟ ଚାଷୀଙ୍କର ଦୃଷ୍ଟିଆକର୍ଷଣ କରଥିଲେ । ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦ କୁ ନିରୋଗ ଏବଂ ନିରାମୟ ରଖିବା ସହ କଳାହାଣ୍ଡି ଜିଲ୍ଲା କିପରି ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନିଜର ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ମତ୍ସ୍ୟ ବିଭାଗ ର ସମସ୍ତ କର୍ମଚାରୀ ସହାୟତା କରିଥିଲେ ।

## ପୋଖରୀରେ ବୁଡି ଯୁବକର ମୃତ୍ୟୁ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ସୋରଡ଼ା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ସେହି ଗ୍ରାମରେ ଥିବା ଏକ ପୋଖରୀ ବନ୍ଧରେ ଯୋଗେନ୍ଦ୍ର ନାୟକ ପୁତ୍ର ଗୌତମ ନାୟକ (୧୪)କୌଣସି କାରଣରୁ ପୋଖରୀ ମଧ୍ୟକୁ ଯିବା ସମୟରେ ଗୋଡ଼ ଖସି ଯିବାରୁ ବୁଡ଼ିଯାଇଥିଲା । ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକ ଓ ସେହି ଗ୍ରାମର ଲୋକ ବହୁତ ଖୋଜା ଖୋଜି କରିଥିଲେ । ପରେ ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇଁ ଦମକଳ ବାହିନୀ ପାଣିରୁ ଉଦ୍ଧାର କରିବା ସହିତ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣା ସ୍ଥଳରେ ନୂଆଗାଁ ପୋଲିସ ମୃତ ଶରୀରକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଦେଇଛି ।

## ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପାଟଣାଗଡ, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ସ୍ଥାନୀୟ ସୁଭଦ୍ରା ଭୱନ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିରରେ ସର୍ବ ମୋଟ ୧୦୨ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ ପଞ୍ଜିକରଣ କରା ଯାଇଛି । ବିଡ଼ିଓ ସୁମନ୍ତ ମିଞ୍ଜ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥି ଭାବରେ ଯୋଗଦେଇ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରଣୀ ପ୍ରଭାମୟୀ ନାୟକ ଯୋଗଦେଇ ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ । ମୂଖ୍ୟ ଅତିଥି ସାଂସଦ ଶ୍ରୀ ବିଶି ଏହି ଶିବିର ଆୟୋଜନର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ଉପସ୍ଥାପନ କରିବା ସହ ଶିବିରରେ ମୁଖ୍ୟତଃ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭତ୍ତା ପାଇଁ, ଯାତାୟାତ ପାଇଁ ବସ ପାସ , ବର୍ଦ୍ଧିତ ଭତ୍ତା ଯୋଗାଇଦେବା ଏବଂ ବ୍ୟାଙ୍କରୁ ଋଣ ପାଇବା ନେଇ ପ୍ରମାଣ ପତ୍ର ପ୍ରଦାନ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ବିଭିନ୍ନ ସୁବିଧା ରହିଛି ବୋଲି ବ୍ୟକ୍ତବ ରଖିଥିଲେ । ଶିବିର ରେ ୪ ଜଣ ହିତାଧିକାରୀଙ୍କୁ ବସପାସ୍ ମୂଖ୍ୟ ଅତିଥି ସାଂସଦ ଶ୍ରୀ ବିଶି ବଣ୍ଟନ କରିଥିଲେ । ସେହି ପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ଭତ୍ତା , ହ୍ୱିଲର ଚେୟାର, ତିନି ଚକିଆ ସାଇକେଲ, ବିବାହ ପ୍ରୋତ୍ସାହନ, ଶ୍ରବଣ ଯନ୍ତ୍ର ଆଦି ଚିହ୍ନଟ ପଞ୍ଜିକୃତ କରା ଯିବା ଏହି ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ଭିନ୍ନକ୍ଷମଙ୍କ ପାଇଁ ପ୍ରତି ମାସରେ ବଲାଙ୍ଗୀର ଠାରେ ୧ ତାରିଖରେ ଓ ପ୍ରତି ମାସର ୧୬ ତାରିଖରେ ବଲାଙ୍ଗୀର ଠାରେ ଭିନ୍ନକ୍ଷମଙ୍କ ପାଇଁ ମେଡିକାଲ ବୋର୍ଡ଼ ବସିବା ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରିଣୀ ଆଶା ପ୍ରଧାନ,ବ୍ଲକ ର ସମସ୍ତ ଷ୍ଟାଫ୍, ଅଙ୍ଗନୱାଡ଼ି କର୍ମୀ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଥିଲେ !

# ୧୬ତମ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ ୨୦୨୫'ଉଦଯାପିତ



ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ କୁରୁଗୁଡା ଏସ୍ ଏସ୍ ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗୀଫୁଲ ୨୦୨୫' ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରବାନ୍ ମୁଖ୍ଯ ଅତିଥି ଭାବେ ଯୋଗଦାନ କରି ଏହାର ଶୁଭ ଉଦଘାଟନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ଯକ୍ରମରେ ଡିଇଓ ରାଧାକାନ୍ତ ଛତ୍ରୀ, ବିଡିଓ ଦେବାଶିଷ କର, ତହସିଲଦାର ବିରୂପାକ୍ଷ ନନ୍ଦ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଉପ କୋଷାଗାର ଅଧିକାରୀ ରାଧାକାନ୍ତ ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ରୁପସିଂ ରାଉତ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଦୁଶ୍ମନ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀବଲ୍ଲଭ ସାମନ୍ତରାୟ, କୁରୁଗୁଡାକ୍ଷ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହୃଷୀକେଶ ମେହେର, ଜିଲ୍ଲା ଶିକ୍ଷକ ସଂଘ ସଭାପତି ଶ୍ରୀ ବେଦବ୍ୟାସ ପ୍ରଧାନ ଏବଂ କୁରୁଗୁଡା ବିଦ୍ୟାଳୟ ର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ରଞ୍ଜନ କୁମାର ପଣ୍ଡା ମଂଚାସୀନ ଥିଲେ । ପ୍ରଥମ ଦିବସ ରେ ଭଲିବଲ୍ ପ୍ରତିଯୋଗୀତା ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଭଲିବଲ୍ ରେ ବାଳିକା ବିଭାଗରେ ଲାଞ୍ଜିଗଡ଼ ବ୍ଲକ ର ବାଣୀ ପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବାଳକ ବିଭାଗରେ ଥୁଆମୂଳ ରାମପୁର ବ୍ଲକର ଗୋପଲପୁର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ । ବିଜ୍ଞାନ ପ୍ରଦର୍ଶନୀ ରେ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ, କୁରୁଗୁଡା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଜୁନାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ, ଗୋପଲପୁର୍ ବାଳିକା ଉଚ୍ଚ ବିଦ୍ୟାଳୟ ଚତୁର୍ଥ, ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ପଞ୍ଚମ, ଓ ଲୁବେନଗଡ଼ ଉଚ୍ଚ ବିଦ୍ୟାଳୟ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।ପ୍ରଥମ ସନ୍ଧ୍ୟାକାଳୀନ ଅଧିବେଶନ ରେ କଳାହାଣ୍ଡି ଜୋନ ଶିକ୍ଷା ମଣ୍ଡଳାଧିଶ ଶ୍ରୀ କୈଳାଶ ଚନ୍ଦ୍ର ମହାରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଗଡ଼ ଉପ ଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଯୋଗଦାନ କରି କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଉଦଯାପନୀ ଉତ୍ସବ ରେ ମାନ୍ୟବର ଧର୍ମଗଡ଼ ବିଧାୟକ ଶ୍ରୀ ସୁଧୀର କୁମାର ପଟ୍ଟଯୋଶୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ସମସ୍ତ କାର୍ଯ୍ୟକ୍ରମକୁ ସଂଜୀବ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଥବିର ଦୀପ, ସ୍ୱାଗତିକା ମିଶ୍ର, ସୋନାଲିକା ପାଢୀ, ପ୍ରମୋଦ ଛତ୍ରିଆ, ଶଶୀକାନ୍ତ ମାଝୀ ଏବଂ ଜଗମୋହନ ସାହୁ ପରିଚାଳନା କରିଥିଲେ । ନୃତ୍ୟ ପ୍ରତିଯୋଗୀତାରେ ଫୁଣ୍ଡା ଆଶ୍ରମ ସ୍କୁଲ ପ୍ରଥମ, ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଭବାନୀପାଟଣା ଅନ୍ୱେଷା ହଷ୍ଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ଲମ୍ବୋଦର ସାହୁ,ସୁବ୍ରତ ପାଣିଗ୍ରାହୀ, ଚକ୍ରଧର ଖାନସମକ୍ଷ, ଲକ୍ଷ୍ମୀଧର ବୋଡ଼କିଆ, ଅସୀମା ଦୋରା, ସୂର୍ଯ୍ୟ ପଣ୍ଡା, ଅଶୋକ ସାହୁ, ଦୀପକ ପଣ୍ଡା, ବିଜୟ ବାଗ, ବୀଣାପାଣି ସାମନ୍ତ ଏବଂ ଜନ୍ମେଜୟ ଶବର ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ର ସମସ୍ତ ତତ୍ତ୍ୱାବଧାନ ରେ ବିଦ୍ୟାଳୟ ର ଅଧକ୍ଷ ରଞ୍ଜନ କୁମାର ପଣ୍ଡା, ବେଦବ୍ୟାସ ପ୍ରଧାନ ଏବଂ ସତ୍ୟଜିତ ପତି ରହିଥିଲେ ଫ

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ମାଲକାନଗିରି, (ମହାଭାରତ): ବିଶିଷ୍ଟ ରାଜନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ମାଲକାନଗିରି ଜିଲ୍ଲା ରେ ପାଳିତ ହୋଇଯାଇଛି । ଆଜି ମାଲକାନଗିରି ଜିଲ୍ଲା ସଦର ମହାକୁମା ସ୍ଥିତ ବଙ୍ଗାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରେକୃଷ୍ଣ ବାରିକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବ ରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ସାମ୍ବାଦିକ ରତ୍ନାକର ଦାଶ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଶିକ୍ଷୟତ୍ରୀ ପ୍ରଭାରାଣୀ ଦାସ ଓ ପ୍ରମିଳା ଦେବୀ ଉପସ୍ଥିତ ରହି ବିଦ୍ୟାଳୟ ପରିସର ରେ ପ୍ରତିଷ୍ଠିତ ଉତ୍କଳ କେଶରୀ ଡ. ହରେ କୃଷ୍ଣ ମହତାବ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ. ମହତାବ ଏକାଧାରରେ ଗାନ୍ଧି ବାଦୀ, ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, କୂଟନୀତିଜ୍ଞ, ଐତିହାସିକ, ଶିଶୁସାହିତ୍ୟିକ, ଔପନ୍ୟାସିକ, କବି, ନାଟ୍ୟକାର, ପ୍ରାବନ୍ଧିକ, ନିର୍ଭୀକ କରିତ୍‌କର୍ମା ଓ ନବ ଉତ୍କଳର ନିର୍ମାତା ଥିଲେ ।

# ଲୁହା ଶିକୁଳିରେ ବନ୍ଧା ମାନସିକ ବିକୃତ ଝିଅର ଚିକିତ୍ସା ନିମନ୍ତେ ପ୍ରୟାସ : ସେବାରେ ମିଳୁଛି ଆତ୍ମ ସନ୍ତୁଷ୍ଟି - ସ୍ନେହମୟୀ



ପାରାଦୀପ, (ମହାଭାରତ): ଜଗତସିଂହପୁର ଜିଲ୍ଲା ତଥା ଶିଳ୍ପ ଓ ବନ୍ଦର ସହର ପାରାଦୀପରେ ଯେଉଁଠି ଅସହାୟ ମାନସିକ ବିକାରଗ୍ରସ୍ତ ଓ ଅବହେଳିତ ବୃଦ୍ଧ ଓ ବୃଦ୍ଧା ଙ୍କୁ ସରକାରୀ ସହଯୋଗ ଓ ସହାୟତା ମିଳିପାରୁନି, ସେଠାରେ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ନିଜସ୍ୱ ପ୍ରାୟସରେ ସେମାନଙ୍କ ଚିକିତ୍ସା ଓ ଥଇଥାନର ବ୍ୟବସ୍ଥା କରାଇ ଆଦର୍ଶ ପାଲଟିଛନ୍ତି । ଏହିପରି ଏକ ଘଟଣାକ୍ରମରେ ପାରାଦୀପ ପୌରପାଳିକା ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ସଞ୍ଜୟଗାନ୍ଧୀ ବସ୍ତି ଅଞ୍ଚଳରେ ଗରିବ ବିଧବା ନଳିନୀ ସ୍ୱାଇଁ ଙ୍କ ଝିଅ ଜ୍ୟୋଷ୍ଣା ସ୍ୱାଇଁ (୨୦) ମାନସିକ ବିକାରଗ୍ରସ୍ତ ଝିଅ ଲୁହା ଶିକୁଳିରେ ବନ୍ଧା ହୋଇ ରହୁଥିବା ଏବଂ ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ପାରୁନଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ତେବେ ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ତଥା ଜଣାଶୁଣା ସମାଜସେବୀକା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଗୁରୁବାର ଦିନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ସେ ଏହି ଝିଅକୁ ନିଜସ୍ୱ ଚେଷ୍ଟାରେ କିମ୍ବ କିମ୍ବା ଏସସିବି ମେଡିକାଲରେ ଭଲ ଡାକ୍ତର ଙ୍କୁ ଦେଖାଇ ତାର ଚିକିତ୍ସା କରାଇବେ ବୋଲି ପ୍ରତିଶୃତି ଦେଇଥିଲେ । ଏପର୍ଯ୍ୟନ୍ତ ୫୦୦ ରୁ ଉର୍ଦ୍ଧ ରୋଗୀଙ୍କୁ ଚିକିତ୍ସା କରାଇ ପ୍ରାୟ ୧୦୦ରୁ ଉର୍ଦ୍ଧ ମାନସିକ ଅସୁସ୍ଥ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି ଶ୍ରୀମତୀ ଆଚାର୍ଯ୍ୟ ସୂଚନା ଦେଇଥିଲେ । ବିଭିନ୍ନ ସ୍ଥାନରେ ମାନସିକ ଅସୁସ୍ଥ ରୋଗୀ ମାନଙ୍କ ଚିକିତ୍ସା ବ୍ୟବସ୍ଥା ରହିଥିଲେ ମଧ ସଚେତନତା ଅଭାବ ଏବଂ ଏମାନଙ୍କୁ ବାହାରକୁ ଛାଡ଼ିଦେବା ଦ୍ୱାରା ଅନେକ ବିଭିନ୍ନ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ସହ ବେସାହାରା ଭାବେ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳୁଛି । ତେବେ ମାନସିକ ଅସୁସ୍ଥ ଜ୍ୟୋଷ୍ଣା ବିଷୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଙ୍କ ସହ ଆଲୋଚନା କରାଯାଇ ମାନସିକ ଭିନ୍ନକ୍ଷମ ଭତ୍ତା ଓ ତାଙ୍କ ପାଇଁ ଆବାସ ଯୋଜନା ପାଇଁ ସ୍ଥିର ହୋଇଥିବା ନିଷ୍ପତି ହୋଇଛି ବୋଲି ଶ୍ରୀମତୀ ଆଚାର୍ଯ୍ୟ ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ଏହି ଅସହାୟ ମାନଙ୍କ ପାଇଁ ମଦର ଟେରେସା ପାଲଟିଥିବା ସ୍ନେହମୟୀ କହିଛନ୍ତି ଯେ ଏହି ସେବା କାର୍ଯ୍ୟ ଦ୍ୱାରା ମୋତେ ଅପୂର୍ବ ଆତ୍ମ ସନ୍ତୁଷ୍ଟି ମିଳିଥାଏ ଏବଂ ଏହା ମୋତେ ଅଧିକ ସେବା କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇଥାଏ ।

## ଏସବିଆଇ ଓ ରାମକୀ ଫାଉଣ୍ଡେସନ ଆରମ୍ଭ କଲା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା

କଳାହାଣ୍ଡି, (ମହାଭାରତ) : କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ ଆଜିର ସମୟରେ ଯାହାର ସ୍ୱାସ୍ଥ୍ୟ ଯେତେ ଭଲ ସେ ସେତେ ଭାଗ୍ୟବାନ । କେସିଙ୍ଗା ବ୍ଲକ ରେ ଏସ ବି ଆଇ ଓ ରାମକୀ ଫାଉଣ୍ଡେସନ ଆରମ୍ଭ କଲା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ।




କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ରେ ସମୁଦାୟ ୧୩ ଗୋଟି ପଞ୍ଚାୟତ ଯାହାର ଜନସଂଖ୍ୟା ପାଖ ପାଖି ଦେଢ଼ ଲକ୍ଷ ସମସ୍ତେ ଚିକିତ୍ସା ପାଇଁ ପ୍ରାୟତଃ କେସିଙ୍ଗା ଉପରେ ନିର୍ଭର କରିଥାନ୍ତି । ମାତ୍ର ଦୁର୍ଭାଗ୍ୟ ବଶତଃ କେସିଙ୍ଗା ରେ ଥିବା ହସ୍ପିଟାଲ ରେ ନା ଅଛନ୍ତି ଭଲ ବିଶେଷଜ୍ଞ ଡାକ୍ତର ନା ଅଛି ରୋଗୀଙ୍କ ପାଇଁ ଆନୁସାଙ୍ଗିକ ସୁବିଧା ସେଥିପାଇଁ ତ କେସିଙ୍ଗା ମେଡିକାଲ ରେଫରାଲ ସେଣ୍ଟର ର ଉପାଧି ହାସଲ କରିଛି । ଅଞ୍ଚଳ ବାସୀ ଙ୍କ ପାଇଁ ବାହାରୁ ଆସୁଥିବା ବିଶେଷଜ୍ଞ ଡାକ୍ତର ମାନେ ହିଁ ସାହା ଭରଷା । ରାଜ୍ୟ ଓ ଜିଲ୍ଲା ବାହାରୁ ଆସୁଥିବା ବିଶେଷଜ୍ଞ ଡାକ୍ତର ମାନଙ୍କ ଫିଜ ମଧ୍ୟ ଅଧିକ ଓ ନିର୍ଦ୍ଦିଷ୍ଟ ଟାଇମ୍ ଟେବୁଲ୍ ରହୁଥିବାରୁ ଗରିବ ଲୋକ ଅତି ଜରୁରୀ ନ ହେଲେ ଉକ୍ତ ଡାକ୍ତର ଙ୍କ ପାଖକୁ ଯାଉ ନାହାଁନ୍ତି । ଏହି ସମସ୍ୟା ଗୁଡ଼ିକୁ ଆଖି ଆଗରେ ରଖି ଏସ ବି ଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ଗୁରୁବାର ଦିନ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କିକିଆ ଗ୍ରାମର ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ନାମରେ ଏକ ମୋବାଇଲ ଭେନ୍ ଯାହାର ନାମ ସଂଜୀବନୀ ଆରମ୍ଭ ହୋଇଛି ।ଉକ୍ତ ମୋବାଇଲ ସ୍ୱାସ୍ଥ୍ୟ ଭେନ ଟି କେସିଙ୍ଗା ବ୍ଲକ ର ଅପହଞ୍ଚ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ଯୋଗାଇବ । ବିଶେଷଜ୍ଞ ଡାକ୍ତର ଙ୍କ ସମେତ ଫାର୍ମାସିଷ୍ଟ ଅତ୍ୟାଧୁନିକ ଲେବ ଓ ଔଷଧ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ସୁବିଧା ପାଇବେ ଅଞ୍ଚଳ ବାସୀ ତାହା ପୁଣି ମାଗଣା । ଏହି ମୋବାଇଲ ସ୍ୱାସ୍ଥ୍ୟ ସେବା କଳାହାଣ୍ଡି ଜିଲ୍ଲା ସମେତ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଅନେକ ବ୍ଲକ ବୁଲିବ ବୋଲି ସଂସ୍ଥା ର ଅଧିକାରୀ ମାନେ ପ୍ରକାଶ କରିଥିଲେ । ସେଥି ପାଇଁ ଗୁରୁବାର ଦିନ ଚାରି ଜିଲ୍ଲା ପାଇଁ ଚାରୋଟି ମୋବାଇଲ ଭେନ ର ଶୁଭାରମ୍ଭ କରିଛି ଏସ ବି ଆଇ ଫାଉଣ୍ଡେସନ । ଏଠାରେ ପ୍ରକାଶ ଥାଉକି ସାରା ଭାରତ ବର୍ଷରେ ସମୁଦାୟ ୮୦୩ ଟି ଜିଲା ରହିଛି ସେଥି ମଧ୍ୟରୁ ୧୧୨ ଗୋଟି ଜିଲ୍ଲାକୁ ଏହି ସେବା ଯୋଗାଇଛି ଏସ ବି ଆଇ । ସେହି ୧୧୨ ଜିଲ୍ଲା ମଧ୍ୟରୁ କଳାହାଣ୍ଡି ଜିଲ୍ଲା ର ନାମ ଥିବାରୁ ଜିଲ୍ଲାରେ ସଂଜୀବନୀ ସେବା ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏସ ବି ଆଇ ଫାଉଣ୍ଡେସନ ର ମୁଖ୍ୟ ଅପରେଟିଂ ଅଫିସର ଜଗନ୍ନାଥ ସାହୁ ଓ ରାମକୀ ଫାଉଣ୍ଡେସନ ର ସଭାପତି ଏମ ଭି ରାମୀ ରେଡ୍ଡୀ ଯୋଗ ଦେଇ ଥିବା ବେଳେ ଡିପିଏମ ଦିଲୀପ କୁମାର ଦୁବେ , କିକୀଆ ସରପଞ୍ଚ କିଶୋର କୁମାର ପ୍ରଧାନ, ବିଦ୍ୟାଳୟ ର ସଭାପତି କେଶବ ଚନ୍ଦ୍ର ବାରିକ, ବରିଷ୍ଠ ସାମ୍ବାଦିକ ସୁରେଶ ଅଗ୍ରୱାଲ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ପଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ଛାତ୍ର ଛାତ୍ରୀ,ଅନେକ ସଂଖ୍ୟା ରେ ଗ୍ରାମବାସୀ ଓ ଚାରୋଟି ଜିଲ୍ଲାର ରାମକୀ ଫାଉଣ୍ଡେସନ ର ପ୍ରୋଜେକ୍ଟ କୋଡିନେଟର ପ୍ରମୁଖ ଙ୍କ ସମେତ ପ୍ରକଳ୍ପ ର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# କଡିଙ୍ଗା ମାଳି ସୁରକ୍ଷା ବୈଠୋକରେ ବେଦାନ୍ତ–ପଇନର ବିରୋଧରେ ତୀବ୍ର ସ୍ୱର



ଲକ୍ଷ୍ମୀପୁର, (ମହାଭାରତ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କଡିଙ୍ଗା ମାଳି ସୁରକ୍ଷା ମଞ୍ଚ ତରଫରୁ ଆଜି ନିଶାର ଫାର୍ମ ଠାରେ ଏକ ବୈଠୋକ କରାଯାଇଥିଲା । ୨୨ଟି ଗ୍ରାମର ଶତାଧିକ ଲୋକମାନେ ବୈଠକରେ ଯୋଗଦେଇ ବେଦାନ୍ତ ଓ ପଇନର କମ୍ପାନୀଙ୍କ କାର୍ଯ୍ୟକଳାପ ପ୍ରତି ଅସନ୍ତୋଷ ଜଣେଇ ଥିଲେ । ଜମି ସୁରକ୍ଷା, ଗ୍ରାମ ସଭା କରାଯାଉ, ଏବଂ ସ୍ଥାନୀୟ ଲୋକଙ୍କୁ ଚାକିରୀ ପ୍ରଦାନ— ଏହି ଦାବିକୁ ନେଇ ସଭାରେ ତୀବ୍ର ନାରା ଚିତ୍କାର୍ କରୁଥିଲେ । ବୈଠକ କୁ ମହେନ୍ଦ୍ର କ୍ଷେତ୍ରୀୟ ଓ ଅର୍ଜୁନ ମିଣିଆକା ପରିଚାଳନା କରିଥିବା ବେଳେ ଏହି ସଭାରେ କାଡିଙ୍ଗା ମାଳି ସୁରକ୍ଷା ମଞ୍ଚ ର ପ୍ରତିଷ୍ଠାତା - ଶ୍ରୀ ମହେନ୍ଦ୍ର କ୍ଷେତ୍ରୀୟ, ଶ୍ରୀ କାହ୍ନୁ ଚରଣ କନ୍ଦପାନ, ଶ୍ରୀ ସମ୍ବୁରୁ ହିକକା,ଶ୍ରୀ ବିନ ମାଣ୍ଡିଙ୍ଗା, ଶ୍ରୀ ନାଥ ଓ ଶ୍ରୀ ସୁବାଷ ଙ୍କ ସହିତ ଏହି ସୁରକ୍ଷା ମଞ୍ଚ ର ସଭାପତି ଶ୍ରୀ କାଶୀନାଥ ମିଣିୟାକା, ସଂପାଦକ ଶ୍ରୀ ମନୋଜ, ଉପଦେଷ୍ଟା ଶ୍ରୀ ଦିବାକର ସାହୁ, ସାଧାରଣ ସଂପାଦକ ଶ୍ରୀ ନିରଞ୍ଜନ ଖରା, କାହ୍ନୁଚରଣ, ଜିଶୁଦାନ ମାଛ, ୱିଲମ୍ବ ଗରଡ଼ା, କୁମାର ମୁଦୁଲି, କ୍ରିଷ୍ଣା, ଗଣେଶ, ପପୁ, କଷ୍ଟ ଓ କୁମ୍ବେ ଡମ୍ବୁ ଉପସ୍ଥିତ ଥିଲେ । ସଂଗଠନ ପକ୍ଷରୁ କୁହାଯାଇଥିଲା ଯେ, ଜଙ୍ଗଲ ଆମର, ଜମି ଆମର, ଏବଂ କୌଣସି କମ୍ପାନୀ ଆଗକୁ ବଢିବା ପୂର୍ବରୁ ନିୟମିତ ଗ୍ରାମ ସଭା କରାଇବା ଆବଶ୍ୟକ । କିନ୍ତୁ ତାହା ଏଠାରେ ହେଇ ପାରୁନାହିଁ ଏ ବିଷୟରେ ଆମେ ଅଭିଯୋଗ ଉପରେ ଅଭିଯୋଗ କୋରିଆସୁଛୁ କିନ୍ତୁ କ୍ରୋଣସି ପ୍ରକାର ପଦକ୍ଷେପ ନିଆ ଯାଉ ନାହିଁ ଆଗକୁ କିନ୍ତୁ ଏମିତି ହେବା କୁ ଦେବୁ ନାହିଁ ଯଦି ଏମିତି ଚାଲେ ତା ହେଲେ ଜୀବନ ଗଲେ ଯିବ କିନ୍ତୁ ଆମ ଅଧିକାର ପାଇଁ ଅନ୍ଦଳନ ତୀବ୍ର କରାଯିବ ଖାଲି ଏତିକି ନୁହେଁ ସ୍ଥାନୀୟ ଯୁବମାନଙ୍କୁ ଚାକିରୀରେ ପ୍ରାଥମିକତା ଦେବା ଦାବି ମଧ ଜୋରଦାର ଭାବେ ଉଠିଥିଲା ଓ ଯାର ମଧ ସମାଧାନ ନ ହେଲେ ଆଗକୁ ତୀବ୍ର ଆନ୍ଦୋଳନ କରାଯିବା କଥା ଆଲୋଚନା କରାଯାଇଥିଲା । ସଭାର ଶେଷରେ କାଡିଙ୍ଗା ମାଳିର ଜଙ୍ଗଲ–ଜମି ସୁରକ୍ଷା, ଗ୍ରାମସଭା ନିୟମିତ କରାଇବା ଓ କମ୍ପାନୀ କାମରେ ସ୍ଥାନୀୟ ଲୋକଙ୍କ ଅଧିକାର ସୁନିଶ୍ଚିତ କରିବା ନିଷ୍ପତ୍ତି ଗ୍ରହଣ କରାଯାଇଛି । କିନ୍ତୁ ଆଗକୁ ଏ ବୈଠୋକ ରେ ଆଲୋଚନା ହେଇଥିବା କଥାକୁ ସରକାର କେତେ ଗୁରୁତ୍ୱ ଦେଉଛି ବର୍ତ୍ତମାନ ତାହା ଅପେକ୍ଷାରେ ।

## ଧୀରେ ଧୀରେ ସୁସ୍ଥ ହେଉଛି ଆହତ ହାତୀ

କେନ୍ଦୁଝର, (ମହାଭାରତ) : ଅସୁସ୍ଥ ମାଖନ୍ ହାତୀକୁ ପୁନର୍ବାର ଆଣ୍ଟିବାୟୋଟିକ୍ ଦେଇଛି କେନ୍ଦୁଝର ବନ ବିଭାଗ । ତେଲକୋଇ ରେଞ୍ଜରେ ଗତ ୧୧ ତାରିଖରେ ଏହି ହାତୀକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରିଥିଲା ବନ ବିଭାଗ । ଗତ କିଛି ଦିନ ପୂର୍ବେ ଦନ୍ତାହାତୀଙ୍କ ସହ, ମାଡ଼ଗୋଳ ଲାଗିବା କାରଣରୁ ଏହି ମାଖନ୍ ହାତୀ ଆହତ ହୋଇଥିଲା । ହାତୀ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ପୂଜ ଜମି ଯାଇଥିଲା । ଏହାର କିଛି ଦିନ ପରେ, ପୁଣି କିଛି ଦନ୍ତାହାତୀ ଏହି ମାଖନ୍ ହାତୀକୁ ଆକ୍ରମଣ କରିବାରୁ ଏହି ହାତୀ ଅଧିକ ଅସୁସ୍ଥ ହୋଇ ଧୀରେ ଧୀରେ ଚାଲୁଥିଲା ।

# ପାରାଦୀପ କଲେଜ ଏନସିସି ଓ ଆଲୁମ୍ନି ଆସୋସିଏସନ ପକ୍ଷରୁ ମେଗା ରକ୍ତଦାନ ଶିବିର



ପାରାଦୀପ, (ମହାଭାରତ): ଏନସିସି ଦିବସ ଅବସରରେ ପାରାଦୀପ କଲେଜ୍ ଏନସିସି ଏବଂ ଏନସିସି ଆଲୁମ୍ନି ଅସୋସିଏସନ ମିଳିତ ଆନୁକୂଲ୍ୟରେ ବାର୍ଷିକ ମେଗା ରକ୍ତଦାନ ଶିବିର ଶୁକ୍ରବାର ଦିନ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ କଲେଜ୍ର ଅଧକ୍ଷା ଡ.ସସ୍ମିତା ସତପଥୀ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତିଞ୍ଜନ କର ଏବଂ ପାରାଦୀପ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୧୧୬ ଇଉନିଟ୍ ? ରକ୍ତ ସଂଗ୍ରହ କରାଯାଇଥିଲା । ଏନସିସି ଏବଂ ଏନସିସି ଆଲୁମ୍ନି ସଦସ୍ୟ, ଛାତ୍ରଛାତ୍ରୀ ଏବଂ ଶୁଭେଚ୍ଛୁ ରକ୍ତଦାତାମାନେ ଉତ୍ସାହ ଏବଂ ସମାଜପ୍ରତି ଦାୟିତ୍ୱବୋଧ ସହିତ ରକ୍ତଦାନ କରିଥିଲେ । ଏନସିସି ଆଲୁମ୍ନି ଆସୋସିଏସନ ର ଉପଦେଷ୍ଟା ଲେଫ୍‌ଟନାଣ୍ଟ କମାଣ୍ଡର ଏ.ସି.ମିଶ୍ରଙ୍କ ନେତୃତ୍ୱରେ ଏବଂ ସିଟିଓ ଅଭିଷେକ ବିଶ୍ୱାଳ,ଏନସିସି ଅଲୁମ୍ନି ଅସୋସିଏସନ୍ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ସମ୍ପାଦକ ପଦ୍ମନାଭ ଦାସ, ଉପସଭାପତି ବିକ୍ରମ ସିଂହ ମହାରଣା, ବିବେକାନନ୍ଦ ମହାପାତ୍ର, ଧର୍ମପଦ ବାଡୋଇ, ରାଜା ମଲ୍ଲିକ୍, ଜିତେନ୍ଦ୍ର ବାରିକ, ସରୋଜ ସ୍ୱାଇଁ, ହୃଦାନନ୍ଦ ନାଥଶର୍ମା,ପ୍ରଭାତ ବେହେରା, ନୀଳିମା ପ୍ରିୟଦର୍ଶନୀ, ହରପ୍ରିୟା ପଟ୍ଟନାୟକ, ଧରାଶ୍ରୀ, ପି. ମଧୁସ୍ମିତା ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଏବଂ କ୍ୟାଡେଟମାନେ ସହଯୋଗରେ ଶିବିରଟି ସଫଳ ହୋଇଥିଲା । ଏନସିସି ଆଲୁମ୍ନି ଅସୋସିଏସନ୍ ସମାଜସେବା, ପରିବେଶ ସୁରକ୍ଷା, ଜାତି ଗଠନ ଓ ସଚେତନତା ମୂଳକ କାର୍ଯ୍ୟରେ ନିରନ୍ତର ଭାବରେ ଲିପ୍ତ ରହିବା ସହ ପ୍ରତ୍ୟେକ ରବିବାର ନିୟମିତ ସମୁଦ୍ର ବେଳାଭୂମି ସଫେଇ କରି ଆସୁଛି ଏବଂ 'ରାଷ୍ଟ୍ର ସର୍ବ ପ୍ରଥମ' ବୋଲି ସମସ୍ତେ ପ୍ରତିଜ୍ଞାବଦ୍ଧ ବୋଲି ଆସୋସିଏସନ ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ସୂଚନା ଦେଇଥିଲେ ।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପଦଯାତ୍ରା

ଦେବଗଡ଼, (ମହାଭାରତ) : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୧୫୦ ତମ ଜୟନ୍ତୀ ଅବସରରେ ନଭେମ୍ବର ୨୨ ତାରିଖରେ ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଏକତା ପଦ ଯାତ୍ରା ସକାଳ ୯ ଘଟିକା ସମୟରେ ମୁଖ୍ୟ ଅତିଥି ଓ ବରଣ୍ୟ ଅତିଥି ଙ୍କ ଦ୍ୱାରା ଶୁଭାରମ୍ଭ କରାଯିବ । ଏହି ଏକତା ପଦ ଯାତ୍ରା ସହର ର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସେଣ୍ଟର ଫର୍ କଲର୍ଚ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଦେଇ ସହର ପରିକ୍ରମା କରି ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ରେ ଶେଷ ହେବ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ,ବିଦ୍ୟାଳୟର ଛାତ୍ର ଛାତ୍ରୀ,କ୍ରୀଡାବିତ୍, ଜନସାଧାରଣ, ଘରୋଇ ବସ୍ ମାଲିକ ସଂଘ, ପୋଲିସ ବିଭାଗ କର୍ମଚାରୀ, ବଣିକ ସଂଘ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ବିଭିନ୍ନ ଅନୁଷ୍ଠାନ ର ନାଗରିକମାନେ ସାମିଲ ହେବେବୋଲି ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି ।ଦେଶର ଏକତା ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନେକ କାମ କରିଛନ୍ତି । ସେଥିପାଇଁ ଏକତା ପଦଯାତ୍ରା ଶୁଭାରମ୍ଭ କରାଯିବ ।କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ମେରା ଯୁବ ଭାରତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ବିଶ୍ୱାଳ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସମବାୟ ସମିତିରେ ଦୁର୍ନିତି ପ୍ରତିବାଦରେ ଅନସନ




ବାଲିଚନ୍ଦ୍ରପୁର,(ମହାଭାରତ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ବିଭିନ୍ନ ପ୍ରକାର ଦୁର୍ନିତି ହୋଇଥିବା ଅଭିଯୋଗ ଆଣି ଶୁକ୍ରବାର କାର୍ଯ୍ୟାଳୟ ଖୋଲିବା ସମୟ ଦିନ ୧୦ଟାରୁ ୩ଟା ପର୍ଯ୍ୟନ୍ତ ଅନସନ କରାଯାଇଥିଲା । ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ର ରଖି ଶାନ୍ତିପୂର୍ଣ୍ଣ ଭାବେ ଏହି ଅନସନରେ ଓଲାଶୁଣୀ ମଣ୍ଡଳ ବିଜେପି ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିହାରୀ, ଭରତପୁର ବିଜେପି ପଂଚାୟତ ପ୍ରମୁଖ ବ୍ରଜ ସୁନ୍ଦର ମହାପାତ୍ରଙ୍କ ସମେତ ଦୁଇ ଜଣ ଯୁବ ଚାଷୀ ଏହି ଅସନସରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଦିନ ତମାମ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ଖବର ପାଇ ସମବାୟ ସମିତି ଜିଲ୍ଲା ରେଜିଷ୍ଟାର ମନମୋହନ ରାଉତ ଅନସନ ସ୍ଥଳରେ ପହଞ୍ଚି ବୁଝାସୁଝା କରି ଆସନ୍ତା ଡ଼ିସେମ୍ବର ୩ ତାରିଖ ମଧ୍ୟରେ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଭର ପ୍ରତିଶୃତି ଦେବା ପରେ ଅନସନ ପ୍ରତ୍ୟାହୃତ ହୋଇଥିଲା ।

## ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି




କୃଷ୍ଣପ୍ରସାଦ(ମହାଭାରତ): ଚଳିତ ବର୍ଷ ଡେରି ହେଲେ ମଧ୍ୟ ହଜାର ହଜାର ପକ୍ଷୀ ଚିଲିକାର ତଟଦେଶ ପାରିକୁଦ, ଖଟିଆକୁଦି, ପଞ୍ଚାକୁଦୀ, ପାଣ୍ଟା, ଚଡରା, ଜେଟି, ଚଟେଇକୋଣ, ବନମାଳ, ସୋଲାକୁଦୀ, ଗେରାଶର, ଚିଖିଲି, ଚିତ୍ରକୋଟ ଆଦି ଅଞ୍ଚଳରେ ବୁଲୁଥିବା ଦେଖିବାକୁ ମିଳିଛି । ସେମାନଙ୍କ ସୁରକ୍ଷା ଦିଗରେ ବନ ବିଭାଗର ତତ୍ପରତା ପ୍ରକାଶ ପାଇଛି । ଚିଲିକା ବନ୍ୟପ୍ରାଣୀ ବନଖଣ୍ଡିୟ ଅଧିକାରୀ ଅମ୍ଳାନ ନାୟକ ଏଦିଗରେ କଡ଼ା ନଜର ରଖିଥିବା ଜଣାପଡିଛି । ବାଲୁଗାଁ ବନା□ଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ନିର୍ଦ୍ଦେଶ କ୍ରମେ ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ବନରକ୍ଷୀ ତ୍ରିଲୋଚନ ମହାରଣା, ସୁରକ୍ଷା କର୍ମୀ ଲଲାଟ କୁମାର ସ୍ୱାଇଁ, ଜୟନ୍ତ କୁମାର ଜେନା, ପବିତ୍ର କୁମାର ସେଠୀ ପ୍ରମୁଖ ଚିଲିକା କୂଳ ଏବଂ ଚାଷ ଜମି ଗୁଡିକରେ ଭୋର ଏବଂ ସନ୍ଧ୍ୟା ସମୟରେ ପଇଁତରା ମାରୁଥିବା ଦେଖାଯାଇଛି । ସେହିଭଳି ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ନେତୃତ୍ୱରେ ବନପାଳ ରଶ୍ମୀ ରଞ୍ଜନ ନାୟକ,ବନପାଳ ଗୌରାଙ୍ଗ ଚରଣ ପ୍ରଧାନ, ବନପାଳ ଅର୍ଜୁନ ପ୍ରଧାନ, ବନରକ୍ଷୀ ଅନିଲ କୁମାର ସାହୁ, ବନରକ୍ଷୀ ଲକ୍ଷ୍ମଣ କୁମାର ବେହେରା ସଦଳବଳେ ସିପିଆ, ଗୁରୁବାର, ନୂଆପଡ଼ା, ଅଁଳାକୁଦା,ଆଦି ଅଞ୍ଚଳରେ ମଧ୍ୟ ବିଦେଶାଗତ ପକ୍ଷୀ ମାନଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜଣାପଡିଛି । ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ବନପାଳ ସୁଜିତ କୁମାର ବେହେରା, ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ପ୍ରଣୟ କୁମାର ଜୟସିଂହ, ବନ ବିଭାଗ କର୍ମଚାରୀ, ସୁରକ୍ଷା କର୍ମୀ ସଜାଗ ଥିବା ଜଣାପଡିଛି । ସେହିପରି ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ସୁରକ୍ଷା ଦିଗରେ ନଜର ରଖିଛନ୍ତ । ବନ ବିଭାଗର ଏଭଳି ସୁରକ୍ଷା ବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

## ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ୩ ଜଣ ଛାତ୍ର ଛାତ୍ରୀ



କପ୍ତିପଦା-(ମହାଭାରତ): କପ୍ତିପଦା - କପ୍ତିପଦା ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ର ଛାତ୍ରୀ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ରାଜ୍ୟସ୍ତରୀୟ ୧୭ ବର୍ଷରୁ କର୍ମ ବାଳକ ବିଭାଗ (ଆର୍ଟିଷ୍ଟିକ ପେୟାର) ରେ ସୁନୀଲ କୁମାର ପୂର୍ତ୍ତି, ଶିବ ଟୁଡୁ ଓ ବାଳିକା ବିଭାଗରେ କୌଶଲ୍ୟା ଟୁଡୁ ଯୋଗକଶନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନିତ ହୋଇ କେବଳ ପଦ୍ମପୋଖରୀ ଅଞ୍ଚଳର ନୁହଁ କପ୍ତିପଦା ବ୍ଲକ ତଥା ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଯୋଗ କୋଚ ଜ୍ୟୋତିରଞ୍ଜନ ଦାସ ଏବଂ ଯୋଗ ଗୁରୁ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତିଙ୍କ ତ□ାବଧନା ତଥା ମାର୍ଗ ଦର୍ଶନରେ କଠିନ ପରିଶ୍ରମ କରି ଜିଲ୍ଲା ଯୋଗାସନ ପ୍ରତିଯୋଗିତାରେ ଉତ୍ତମ ଯୋଗ ପ୍ରଦର୍ଶନ କରି ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ତଥା ବିଚାରକ ମାନଙ୍କର ହୃଦୟକୁ ଜିଣିପାରି ପ୍ରଶଂସା ସାଉଁଟି ପାରିଥିଲେ । ଆସନ୍ତା ତା୨୩-୧୧-୨୫ରିଖ ଠାରୁ ତା୨୬-୧୧-୨୨୫ରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ମାଲକାନଗିରିର ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟ ରେ ଅନୁଷ୍ଠିତ ହେବ । କପ୍ତିପଦା ବ୍ଲକ ଶିକ୍ଷାଧିକାରୀ, ସହ-ଶିକ୍ଷାଧିକାରୀ, ପଦ୍ମୋପୋଖରୀର ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ତ□ର ଶୁଭକାମନା କରିବା ସହିତ ରାଗ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଉତ୍ତମ ଯୋଗ ପ୍ରଦର୍ଶନ କରି ବିଦ୍ୟାଳୟ ତଥା ଅଞ୍ଚଳର ଗୌରବକୁ ଦ୍ୱିଗୁଣିତ କରିବାକୁ ଆଶୀର୍ବାଦ କରିଛନ୍ତି ।

## ଚାଷୀର ବିକାଶ ପାଇଁ କପ୍ତିପଦାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଉଦଳା/କପ୍ତିପଦା-(ମହାଭାରତ): କପ୍ତିପଦା -କପ୍ତିପଦା ରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଛି । ଉଦଳା ବିଧାୟକ ଭାସ୍କର ମଢେଇ, ଏନଏସି ଅଧକ୍ଷ ପ୍ରମିଳା ପଣ୍ଡା, କପ୍ତିପଦା ବିଡ଼ିଓ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଗ୍ରାମାଞ୍ଚଳରେ ଚାଷ ର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ମେଳାରେ ବିଶେଷକରି ମତ୍ସ୍ୟ ଏବଂ ପଶୁ ପାଳନ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରୟାସୟ କିଭଳି ନୂତନ ଜ୍ଞାନ କୌଶଳ ଆପଣେଇ ଚାଷୀମାନେ ଅଧିକ ରୋଜଗାର କ୍ଷମ ହୋଇପାରିବେ ଏବଂ ତା ସହିତ



ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବେ । ଚାଷୀ ମାନେ ଉତ୍ତତ କିସମର ବିହନ, ଉନ୍ନତ ମାନର ପ୍ରଣାଳୀ ଏହି ମେଳା ମାଧ୍ୟମରେ ଚାଷୀମାନଙ୍କୁ ଶିକ୍ଷା ଦିଆଯାଇଥିଲା । ସରକାରଙ୍କ ପକ୍ଷରୁ ହେଉଥିବା କାମଧେନୁ ଯୋଜନାରେ ଗୋ ପାଳନ, ମାଛ ଚାଷ, ଘୁଷୁରୀ ଚାଷ, କୁକୁଡ଼ା ଫାର୍ମ ଆଦି କରିବା ପାଇଁ କିପରି ସରକାରଙ୍କ ପକ୍ଷରୁ ସବସିଡି ମିଳିପାରିବ ସେ ନେଇ ମଧ୍ୟ ଏହି ମେଳାରେ ଚାଷୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କପ୍ତିପଦା ଗଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ଦିଲୀପ କୁମାର ବେହେରା, ଉଦଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଶରତ କୁମାର ପାତ୍ର, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଶୁଭମ ଶେଖର ସ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ନିର୍ମଳ ଚନ୍ଦ୍ର ବାରିକ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା କୁନ୍ଦନ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

## ଆବାସ ଯୋଜନାରେ ମହା ଦୁର୍ନୀତି,ଗୋଟିଏ ଘର କୁ ଦୁଇଟି ଆବାସ ଯୋଜନା

ଅନୁଗୋଳ,(ମହାଭାରତ):ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ । ଗୋଟିଏ ଘର କୁ ଦୁଇଟି ଆବାସ ଯୋଜନା ଦୁଇ ଜଣ ହିତାଧିକାରୀ ଙ୍କ ମଧ୍ୟରେ ଗଣ୍ଡଗୋଳ । ଏନେଇ ଉଭୟଙ୍କ ମଧ୍ୟରେ ଥାନାରେ ଆପୋଷ ଆଲୋଚନା ହୋଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ପାରିନଥିଲା ଯାହାକି ଏନେଇ ଦ୍ୱିତୀୟ ହିତାଧିକାରୀ ବାସନ୍ତି ପ୍ରଧାନ ଆଜି ଆରକ୍ଷୀ ଅଧିକ୍ଷକ ଙ୍କ ପାଖରେ ଆଣିଛନ୍ତି ଅଭିଯୋଗ । ସୂଚନା ଯେ, ବଅଁରପାଳ ବ୍ଲକ ମହାଧରପୁର ପଞ୍ଚାୟତ ର ପ୍ରଥମ ହିତାଧିକାରୀ ଭାବେ ଘରଟିକୁ କରିଥିବା କହୁଥିବାବେଳ ବେଳେ ସେହି ଘରକୁ ଅନ୍ୟ ଜଣଙ୍କ ନାମରେ ଅନ୍ତୋଦୟ ଆବାସ ଯୋଜନା ରେ କେମିତି ସାମିଲ କରାଯାଇଛି । ସେହି ଘରକୁ ପ୍ରଥମ ହିତାଧିକାରୀ ଗୋଟିଏ କିସ୍ତି ରେ ୨୦ ହଜାର ଟଙ୍କା ଉଠାଇ କରିଥିବା କହୁଥିବା ବେଳେ ସେହି ଘରକୁ ଦ୍ୱିତୀୟ ହିତାଧିକାରୀ ଅନ୍ତୋଦୟ ଯୋଜନା ରେ ପ୍ରଥମ କିସ୍ତି ୪୦ ହଜାରଟଙ୍କା ଉଠାଇ ଛାତ ନିର୍ମାଣ ପାଇଁ ପ୍ରସ୍ତୁତ ଶେଷ କରିଛନ୍ତି ଓ ଛାତ ଢଳାଇ ପକାଇବାକୁ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ।ଏ ନେଇ ଉଭୟ ଙ୍କ ମଧ୍ୟରେ ପାଟିତୁଣ୍ଡ ।ବଅଁରପାଳ ବ୍ଲକ ମହାଧରପୁର ଗାଁର ପ୍ରାଣବନ୍ଧୁ ପ୍ରଧାନ ଙ୍କ ନାଁରେ ପ୍ରଧାନମନ୍ତ୍ରୀ ଅକ୍ଷବକ୍ଷସ ଯୋଜନାରେ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ମିଳିଥିଲା ।କିନ୍ତୁ ୨୦୨୫ ଚଳିତ ଆର୍ଥିକ ବର୍ଷ ରେ ଅନ୍ତୋଦୟ ଆବାସ ଯୋଜନା ରେ ବାସନ୍ତି ପ୍ରଧାନ ଙ୍କୁ ସେହି ଜାଗା ରେ ଅନ୍ତୋଦୟ ଯୋଜନା ରେ କେମିତି ସାମିଲ କରାଗଲା ତାହା ଏବେ ଚର୍ଚ୍ଚା ଜୋର ଧରିଛି । ପ୍ରଥମ ହିତାଧିକାରୀ ପ୍ରାଣବନ୍ଧୁ ଗୋଷ୍ଠି ଉର୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ସେପଟେ ଅସହାୟ ବାସନ୍ତି ପ୍ରଧାନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି । ଅନ୍ୟପଟେ ସେହି ଘର ନିର୍ମାଣ କୁ ନେଇ ଉଭୟ ହିତାଧିକାରୀ ଙ୍କ ମଧ୍ୟରେ ଜଟିଳ ସମସ୍ୟା ଉପୁଜିଛି । କେମିତି ବିଭାଗୀୟ ଅଧିକାରୀ ମାନେ ଜାଣିପାରିଲେ ନାହିଁ ଗୋଟିଏ ଜାଗାରେ ଗୋଟିଏ ଘରକୁ ଦୁଇ ହିତାଧିକାରୀଙ୍କ ନାମ ରହିଛି ତାହା ଏବେ ତଦନ୍ତ ସାପେକ୍ଷ । ଏନେଇ ମହାଧରପୁର ଫାଣ୍ଡିରେ ଆପୋଷ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ ।

## ଦୁଇ ଜଣଙ୍କର ଗୋଡ଼ ଉପରେ ଚଢ଼ିଗଲା ଗାଡ଼ି

### ଦୁଇ ଘଣ୍ଟା ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ

ବାଲିଚନ୍ଦ୍ରପୁର(ମହାଭାରତ): ଚଣ୍ଡିଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥର କଟିକଟା ଛକ ନିକଟରେ ଆଜି ଏକ ଦୁର୍ଘଟଣା ଘଟି ଦୁଇ ଜଣ ଯାତ୍ରୀଙ୍କ ଗୋଡ଼ ଉପରେ ଏକ ଦୃତଗାମି ଗାଡ଼ି ଚଢାଇ ଚାଲିଯାଇଛି । ଘଟଣାରୁ ପ୍ରକାଶ ବାଲିଚନ୍ଦ୍ରପୁର ଥାନା ଅଧିନ କଟିକଟା ଛକ ନିକଟରେ ଆଜି ଶୁକ୍ରବାର ଭଦ୍ରକ ଜିଲ୍ଲା ଭଣ୍ଡାରି ପୋଖରୀ ଥାନା ଉତରବାଡ଼ ଗ୍ରାମର ଦୁଇ ଜଣ ସାଧୁ ପିତାମ୍ବର ସାହୁ ଓ ଜିତେନ୍ଦ୍ର କୁମାର ସାହୁ ଓଲାଶୁଣୀ ସନ୍ଥ ଅରକ୍ଷିତ ଦାସଙ୍କ ପୀଠକୁ ଆସି ମହାପୁରୁଷଙ୍କ ଦର୍ଶନ ସାରି ଦିନ ୧୧ଟା ସମୟରେ ଏକ ବୁଲେଟ ମଟରସାଇକେଲ ନଂ (ଓଡ଼ି ୨୨ ଏସ ୬୨୪୪) ଯୋଗେ ଫେରୁଥିବା ବେଳେ କଟିକଟା ଛକରୁ ୫ ଶହ ମିଟର ଆଗରେ ଡ଼ାଇଭର୍ସନ ରୋଡ଼ରେ ଯିବା ସମୟରେ ପାରାଦୀପ ଆଡୁ ଏକ ଦୃତଗାମି ଗାଡ଼ି ସେମାନଙ୍କୁ ଧକ୍କା ଦେଇ ତାଙ୍କ ଗୋଡ଼ ଉପରେ ଚଢାଇ ଚାଲିଯାଇଥିଲା । ଏଥିରେ ଉଭୟଙ୍କ ୪ଟି ଗୋଡ଼ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହ□ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଲା ପରେ ପୋଲିସ ପହଞ୍ଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଦୁଇ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଥିବା କାରଣରୁ ଘଟଣାସ୍ଥଳରେ ଉ ତେ ଜ ନ । ଦେଖାଦେଇଥିଲା । ସ୍ଥାନୀୟ ଲୋକେ କିଛି ସମୟ ପାଇଁ ଉଭୟ ପାର୍ଶ୍ୱ ରାସ୍ତାରେ ଗାଡ଼ି ମଟର ବନ୍ଦ କରିଦେଇଥିଲେ । ଆହତ ଦ୍ୱୟ ଦୁଇ ଘଣ୍ଟାକାଳ ରାସ୍ତା ଉପରେ ପଡ଼ିରହି ଜୟ ଅରକ୍ଷୀତ ନାମକୁ ଜପ କରୁଥିବା ଦେଖାଯାଇଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ତେବେ ଠିକା ସଂସ୍ଥା ଏ.ଆଇ.ପି.ଏଲ ର ମନମାନି କାମ ଏବଂ ତୃଟିପୂର୍ଣ୍ଣ ଡ଼ାଇଭର୍ସନ ନିର୍ମାଣ ଯୋଗୁ ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି । ଏଥିସହିତ ଦୁର୍ଘଟଣା ଗ୍ରସ୍ତ ସାଧୁ ମାନଙ୍କୁ ଠିକା ସଂସ୍ଥା କ୍ଷତିପୁରଣ ଦେବାକୁ ଦାବି ହୋଇଛି ।

## ଡିଏଭି ଓଏମ୍ସି ପବ୍ଲିକ ସ୍କୁଲରେ ସାରସ୍ୱତ ସମ୍ମିଳନୀ

ଯୋଡ଼ା, (ମହାଭାରତ) ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜିଲିଙ୍ଗସ୍ର ଡିଏଭି ଓମ୍ସି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଭିଡ୍ ଟୁ ଲିଡ୍ ଥିମ୍କୁ ନେଇ ଏକ ସାରସ୍ୱତ ସମ୍ମେଳନ ଅନୁଷ୍ଠିତ ହୋଇଅଛି । ଏହି ସମ୍ମେଳନରେ ବିଶିଷ୍ଟ ଶିକ୍ଷାବିତ ତଥା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଇଂରାଜୀ ଭାଷା ସାହିତ୍ୟର ପ୍ରାଧ୍ୟାପକ ଡକ୍ଟର ମାନସ ରଞ୍ଜନ ପଣ୍ଡା, ଯୋଡ଼ା ମହିଳା ମହାବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ଶ୍ରୀଯୁକ୍ତ ବିଭୂତି ଭୂଷଣ ମହାନ୍ତି ଏବଂ ଅବସର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟ ସମାଲୋଚକ ଶ୍ରୀଯୁକ୍ତ ଅକ୍ଷାଂଶୁ ଶେଖର ପାଢୀ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାହିତ୍ୟ ସମାଜର ଦର୍ପଣ ଓ ସମାଜ ପାଇଁ ଅସ୍ତ୍ର ଶୀର୍ଷକ ବିଷୟରେ ଆଲୋଚନା କରି ଅତିଥି ଆଲୋଚକମାନେ ନିଜର ସାରଗର୍ଭକ ବକ୍ତୃତା ପ୍ରଦାନ ସହିତ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଏହି ସମ୍ମେଳନର ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପ୍ରଧାନ, ଶ୍ରୀମତୀ ବି. ନୀରଜା, ଶ୍ରୀମତୀ ଗୀତା କୁମାରୀ, ଶ୍ରୀଯୁକ୍ତ ସତ୍ୟପ୍ରକାଶ ଦାଶ, ସୁଶ୍ରୀ ଶୋଭା ପୁନ୍ ଆଦି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ସଂଚାଳନ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଅଦିତି ସାମନ୍ତରାୟ ଓ ସୃଷ୍ଟି ସମୀକ୍ଷା ପାତ୍ର ପୁସ୍ତକ ସମୀକ୍ଷା ପ୍ରତିଯୋଗିତାରେ, ନୂପୁର ପ୍ରିୟଦର୍ଶିନୀ ଓ ନିର୍ମଳା ବାରିକ କବିତା ଆବୃତ୍ତି ପ୍ରତିଯୋଗିତାରେ, ବୈଷ୍ଣବୀ ପ୍ରଧାନ ଓ ହର୍ଷରାଜ ପାତ୍ର ଗଳ୍ପ କଥନ ପ୍ରତିଯୋଗିତାରେ ଏବଂ ସୁଶ୍ରୀ ଶୁଭଲକ୍ଷ୍ମୀ ମିଶ୍ର ଓ ହିମାଂଶୁ ବେହେରା ରାଇମ୍ସ ଆବୃତ୍ତି ପ୍ରତିଯୋଗିତାରେଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ପଞ୍ଚାୟତ ସମିତିର ଏକାଦଶ ସାଧାରଣ ଅଧିବେଶନ



ନୂଆଗାଁ (ମହାଭାରତ ) : ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସଦଭାବନା ଗୃହରେ ଏକାଦଶ ସାଧାରଣ ଅଧିବେଶନ ଅନସ୍ଥିତ ହୋଇଯାଇଛି ।ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ନୂଆଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୃତ କୁମାର ରାଉଳ,ଉପାଧକ୍ଷ ପର୍ଶୁରାମ ସ୍ୱାଇଁ,୧୬ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଜସ୍ମିନୀ ଦାସ,୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଦଳବେହେରା,କନ୍ଧମାଳ ସାସଦ ପ୍ରତିନିଧି ଭୀମସେନ ସେଠୀ ସମେତ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।ଏଥିରେ ଶିକ୍ଷା,ସ୍ୱାସ୍ଥ୍ୟ,ସାମାଜିକ କଲ୍ୟାଣ,ପାନୀୟ ଜଳ,କୃଷି,ଉଦ୍ୟାନ କୃଷି,ପଶୁ ସମ୍ପଦ, ବିଦ୍ୟୁତ ଓ ରାସ୍ତାଘାଟ ଆଦିର ଉତ୍ତିକରଣ ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଶିମିଳିସାହି ଠାରୁ ବାଲଣ୍ଡା ଏବଂ କାପ୍ତାପଲ୍ଲୀ ଠାରୁ ମକରାପଲ୍ଲୀ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଓ ସୋରଡ଼ା ଠାରୁ ଜଗନ୍ନାଥ ପ୍ରସାଦ ରାସ୍ତା ମଧ୍ୟରେ ଥିବା ବେଲପା ନାଳ ପୋଲ ଅଧାପନ୍ତରିଆ ପଡ଼ି ରହିଥିବାରୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅସନ୍ତୋଷ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ସମୀକ୍ଷା କରାଯିବା ସହ ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ବିଧାୟକ ଶ୍ରୀ ବେହେରା ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଅଚିହ୍ନା ବ୍ୟକ୍ତିଙ୍କ ଦଗ୍ଧ ମୃତ ଶରୀର ଠାବ

କାକଟପୁର(ମହାଭାରତ): ପୁରୀ ଜିଲ୍ଲା କାକଟପୁର ବ୍ଲକ କୁରୁଜଙ୍ଗ ପଞ୍ଚାୟତ ରଇତସାହି ଗୋଠ ପଡିଆ ରେ ଆଜି ସକାଳୁ କିଛି ସ୍ଥାନୀୟ ଲୋକ ଜଣେ ବ୍ୟକ୍ତି ଙ୍କର ମୃତ ଶରୀର ଏକ ବାଲି ଗଦାଉପରେଦେଖିଥିଲେ, ଯାହା ସମ୍ପୂର୍ଣ୍ଣ ରୂପେ ପୋଡିଯାଇଛି, ଯାହାକୁ ନେଇ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଂଚଳ ରେ ଶତାଧିକ ଲୋକ ଙ୍କ ସମାଗମ ହୋଇଥିଲା, ଘଟଣା ସ୍ଥଳରେ କୋଣାର୍କ ଥାନା କୁ ସୂଚନା ଦେବା ପରେ କୋଣାର୍କ ଥାନା ପୋଲିସ ଓ ଫରେନସିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଉକ୍ତ ଯୁବକ ଜଣଙ୍କ କିଏ, ତାହାର ଘର କୋଉଠି ଆଉ ଏ ସ୍ଥାନକୁ କିପରି ଆସିଲା, ଏହିଭଳି ଅଗ୍ନି କାଣ୍ଡ କିପରି ହେଲା ତାହା ସମ୍ପୂର୍ଣ୍ଣ ଅସ୍ୱଷ୍ଟ ରହିଛି, କିନ୍ତୁ ଏହି ଘଟଣା କୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଭୟ ର ବାତାବରଣ ସୃଷ୍ଟି ହୋଇଛି ।

## ଉତ୍କଳ ଆଲୁମିନା ଓ ଏମଏସଏମଇ ସହଭାଗିତାରେ ବିକ୍ରେତା ବିକାଶ କର୍ମଶାଳା

ରାୟଗଡ଼ା,(ମହାଭାରତ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଓ ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗ ସଭାଗିତରେ ସ୍ଥାନୀୟ ନୂଆପଡ଼ା ଟାଉନସିପ କ୍ଲବ ହାଉସ ଠାରେ ଆରଏଏମପି କାର୍ଯ୍ୟକ୍ରମ ଅଧୀନରେ ଏକ ବିକ୍ରେତା ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି । ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍କଳ ଆଲୁମିନା ସହିତ ଯୋଡ଼ି ସେମାନଙ୍କୁ ସାମଗ୍ରୀ ଯୋଗାଣ ସୁଯୋଗ, ଗୁଣବତ୍ତା ମାନଦଣ୍ଡ ଓ ବିକ୍ରେତା ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ଯୋଗ ଦେଇ ନିଜର ପ୍ରେରଣାଦାୟକ ଅଭିଭାଷଣରେ ଶିଳ୍ପ ବିକାଶରେ କ୍ଷୁଦ୍ର ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଉତ୍କଳ ଆଲୁମିନା ଦ୍ୱାରା ପ୍ରଦତ୍ତ ବୃହ୍ ବ୍ୟବସାୟ ସୁଯୋଗ ଗ୍ରହଣ କରିବାକୁ



ଆହ୍ୱାନ ଦେଇଥିଲେ । ୟୁନିଟ୍ ମୁଖ୍ୟ ତଥା ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ସ୍ଥାନୀୟ ବିକ୍ରେତା ବିକାଶ ଓ ଆଞ୍ଚଳିକ ଅର୍ଥନୈତିକ ସଶକ୍ତିକରଣ ପାଇଁ ଉତ୍କଳ ଆଲୁମିନାର ପ୍ରତ୍ୟେକ୍ଷ ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ । ସେ କହିଥିଲେ ଯେ, ବୃହ୍ ଶିଳ୍ପକୁ କ୍ଷୁଦ୍ର ଉତ୍ପାଦ ଶିଳ୍ପଗୁଡ଼ିକ କଞ୍ଚାମାଲ୍ ଯୋଗାଇ ଆର୍ଥିକ ଭାବେ ଲାଭବାନ ହେବା ସହ ସ୍ଥାନୀୟ ଅଞ୍ଚଳରେ ଅଧିକ ରୋଜଗାର ସୃଷ୍ଟି କରିପାରିବେ ।ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ସଫଳ ହେବା ସହିତ ସାମାଜିକ ତଥା ଅର୍ଥନୈତିକ ଉନ୍ନତୀକରଣ ଘଟିବ । ବିଗତ ଦିନରେ ଦେଶରେ ଉନ୍ନତ ଗୁଣବତ୍ତା ଯାନ୍ତ୍ରିକ ଉତ୍ପାଦ ତିଆରି କରିବା ଏକ ଆହ୍ୱାନ ହୋଇଥିଲେ ହେଁ ସମ୍ପ୍ରତି ବର୍ତ୍ତମାନ ଭାରତରେ ମଧ୍ୟ ବିଶ୍ୱସ୍ତରୀୟ ଯାନ୍ତ୍ରିକ ଉପକରଣ ନିର୍ମାଣ ହୋଇପାରିଛି । ତେଣୁ ଉତ୍ତତ ଗୁଣବତ୍ତା ଏବଂ ଅବଧି ମଧ୍ୟରେ ଉତ୍ପାଦନ କାର୍ଯ୍ୟ ଶେଷ ହେବା ଦ୍ୱାରା ଏମଏସଏମଇ ଶିଳ୍ପଗୁଡ଼ିକ ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ସେହିପରି କାର୍ଯ୍ୟକ୍ରମରେ କମର୍ସିଆଲ ବିଭାଗ ମୁଖ୍ୟ ସଶିପ୍ରକାଶ ଗୁପ୍ତା ଉତ୍କଳ ଆଲୁମିନାର ବାର୍ଷିକ କ୍ରୟ ଆବଶ୍ୟକତା, କଞ୍ଚାମାଲ, ସହାୟକ ସାମଗ୍ରୀ ଓ ଉପଯୋଗୀ ସାମଗ୍ରୀ କ୍ରୟର ସମ୍ପୂର୍ଣ୍ଣ ବିବରଣୀ ଓ ପରିମାଣ ତଥା ଗୁଣବତତା ମାନଦଣ୍ଡ ଆଇଏସ, ଆଇଏସ ଏବଂ ବି ଆଇଏସ ପ୍ରମାଣପତ୍ର, ପରୀକ୍ଷଣ ପ୍ରକ୍ରିୟା ଓ ଅନୁମୋଦିତ ବିକ୍ରେତା ହେବା ପାଇଁ ଆବଶ୍ୟକ ଦସ୍ତାବିଜ୍ । ଏବଂ ଉତ୍କଳ ଆଲୁମିନା ବିକ୍ରେତା ପୋର୍ଟାଲରେ ପଞ୍ଜୀକରଣ, ଆବଶ୍ୟକ ଦସ୍ତାବିଜ୍, ପୂର୍ବ ଯୋଗ୍ୟତା ମାନଦଣ୍ଡ ଓ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ଶ୍ରୀ ଗୁପ୍ତା ପ୍ରକାଶ କରିଥିଲେୟ ଅନୁରୂପ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ସାମାଜିକ ଦାୟିତ୍ୱ, ସମୁଦାୟ ବିକାଶ କାର୍ଯ୍ୟକ୍ରମ ଓ ସ୍ଥାନୀୟ ଲୋକଙ୍କ ଉପରେ ଏହାର ପ୍ରଭାବ ବିଷୟରେ ସୂଚନା ଦେଇଥିବା । ଏଥିସହିତ ସିଏସଆର ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ଉଦ୍ୟମୀ ପ୍ରକଳ୍ପ ଦ୍ୱାରା କିଭଳି ଭାବେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟାମିମାନେ କିଭଳି ସଫଳ ହୋଇଛନ୍ତି ସେ ନେଇ ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ଫାଇନାନ୍ସ ବିଭାଗ ମୁଖ୍ୟ ମ୍ରିନମୟୀ ମଣ୍ଡଳ, ମାନବ ସମ୍ବଳ ବିଭାଗ ପ୍ରମୁଖ ନାରାୟଣ ମିତ୍ର। ଏମଏସଏମଇ ବିଭାଗର ଭୂମିକା ଓ ଏହାର ବିକାଶ ସମ୍ପର୍କରେ ଉଦବୋଧନ ଦେଇଥିଲେୟ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଉତ୍ପାଦନ ଓ ସେବା କ୍ଷେତ୍ରର ଉଦ୍ୟୋଗୀମାନେ ସକ୍ରିୟ ଭାବରେ ପ୍ରଶ୍ନୋ□ର ଅଧିବେଶନରେ ଅଂଶଗ୍ରହଣ କରି କାରିଗରୀ ବିଶେଷତା, ପ୍ରମାଣପତ୍ର ପ୍ରକ୍ରିୟା, ଦେୟ ସର୍ତ୍ତ ଓ ସହଭାଗିତା ସୁଯୋଗ ବିଷୟରେ ସ୍ପଷ୍ଟୀକରଣ ମାଗିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟୋଗୀ ଓ ଉତ୍କଳ ଆଲୁମିନା କ୍ରୟ ଦଳ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ମୂଲ୍ୟବାନ ନେଟୱର୍କ ସୁଯୋଗ ସୃଷ୍ଟି କରିଥିଲା । ଚିତ୍ତରଞ୍ଜନ ମଲ୍ଲିକ, ଜେନେରାଲ ମ୍ୟାନେଜର, ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ା, ସ୍ୱାଗତ ଅଭିଭାଷଣରେ ସ୍ଥାନୀୟ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଉତ୍କଳ ଆଲୁମିନା ଯୋଗାଣ ଶୃଙ୍ଖଳାରେ ଅଂଶଗ୍ରହଣର ଅପାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଲୋକ ସମ୍ପର୍କ ବିଭାଗର ସାଧାରଣ ପରିଚାଳକ ପିତାମ୍ବର ବେହେରା ଉପସ୍ଥିତ ଅତିଥିଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଏହି କର୍ମଶାଳା ଉତ୍କଳ ଆଲୁମିନା ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ସମନ୍ୱିତ ପ୍ରୟାସରେ ସଫଳ ହୋଇଛି । ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଅଂଶଗ୍ରହଣ କାରୀମାନେ ଉତ୍କଳ ଆଲୁମିନା କ୍ରୟ ଦଳ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ସହଯୋଗ ସମ୍ଭାବନା ଅନୁସନ୍ଧାନ ପାଇଁ ସୁଯୋଗ ପାଇଥିଲେ ।

## ପାକିସ୍ତାନକୁ କଡା ଭାଷାରେ ଟାର୍ଗେଟ କଲେ ଆମେରିକାର ପୂର୍ବତନ ଗୁଇନ୍ଦା ଅଧିକାରୀ



ଲାହୋର: ପାକିସ୍ତାନକୁ କଡା ଭାଷାରେ ଟାର୍ଗେଟ କରିଛନ୍ତି ଆମେରିକାର ପୂର୍ବତନ ଗୁଇନ୍ଦା ଅଧିକାରୀ । ପୂର୍ବତନ ଉଓଇ ଅଧିକାରୀ ଜନ୍ କିରିଆକୋ ପାକିସ୍ତାନ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ପୂର୍ବତନ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ, ପାକିସ୍ତାନ ତେହେରିକ୍-ଏ-ଇନସାଫ୍ ତାଙ୍କୁ କ୍ଷମା ମାଗିବା ପାଇଁ ଚାପ ପକାଇଥିଲା। ଏହି ଚିଠି କିରିଆକୋଙ୍କ ବୟାନ ପରେ ପଠାଯାଇଥିଲା, ଯେଉଁଥିରେ ସେ ଭାରତ ଏବଂ ପାକିସ୍ତାନର ଶକ୍ତି ମୂଲ୍ୟାଙ୍କନ କରିଥିଲେ ଏବଂ ଭାରତର ବିଜୟ ଦାବି କରିଥିଲେ।

ଜୁଲିଆନ୍ ଡୋରଙ୍କ ସହିତ ଏକ ପଡକାଷ୍ଟରେ, କିରିଆକୋ ପ୍ରକାଶ କରିଛନ୍ତି ଯେ ତାଙ୍କୁ ପାକିସ୍ତାନୀମାନଙ୍କ ନିକଟରେ କ୍ଷମା ମାଗିବା ପାଇଁ ଚାପ ପକାଯାଇଥିଲା ଏବଂ ଏପରିକି ତାଙ୍କୁ ମୃତ୍ୟୁ ଧମକ ମଧ୍ୟ ମିଳିଥିଲା। ସେ କହିଛନ୍ତି ଯେ ଏହି ଚଞ୍ଚଓ ଚିଠିର ଜବାବରେ, ସେ ଦଳୀୟ କର୍ମୀମାନଙ୍କୁ କହିଥିଲେ ଯେ ସେ ଚିଠିରୁ ଟଏଲେଟ୍ ପେପର୍ ତିଆରି କରି ଫୋପାଡ଼ି ଦେଇଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମେ ୭-୧୦ ମଧ୍ୟରେ ଚାରି ଦିନିଆ ସାମରିକ ସଂଘର୍ଷ ଉପରେ ନିଜର ମତାମତ ପ୍ରଦାନ କରି, କିରିଆକୋ ପାକିସ୍ତାନୀମାନଙ୍କୁ ଭାରତକୁ ଉସୁକାଇବା ନାହିଁ ବୋଲି ପରାମର୍ଶ ଦେଇଥିଲେ, କାରଣ ଯୁଦ୍ଧ ହେଲେ ସେମାନେ ହାରିଯିବେ। ଗତ ମାସରେ ସମ୍ବାଦ ସରବରାହ ସଂସ୍ଥା ଇଘଓ ସହିତ କଥାବାର୍ତ୍ତାରେ ସେ କହିଥିଲେ, 'ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରକୃତରେ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ହାରିବ। ସତ୍ୟ ହେଉଛି, ସେମାନେ ହାରିବେ, ଏବଂ ଭାରତୀୟମାନଙ୍କୁ ନିରନ୍ତର ଉସୁକାଇବାର କୌଣସି ଅର୍ଥ ନାହିଁ।' ପୋଡକାଷ୍ଟରେ, କିରିଆକୋ କହିଥିଲେ ଯେ ତାଙ୍କ ବକ୍ତବ୍ୟ ପରେ, ପିଟିଆଇ ଅଧକ୍ଷ ଇମ୍ରାନ ଖାନ ତାଙ୍କୁ ଏକ ଚିଠି ପଠାଇ ତାଙ୍କ ବକ୍ତବ୍ୟକୁ ନିନ୍ଦା କରିଥିଲେ ଏବଂ ଇମ୍ରାନ ଖାନ, ପିଟିଆଇ କର୍ମୀ ଏବଂ ପାକିସ୍ତାନର ଜନସାଧାରଣଙ୍କୁ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଥିଲେ। ସେ କହିଥିଲେ, 'ମୁଁ କହିଥିଲି ଯେ ଯଦି ଯୁଦ୍ଧ ହୁଏ, ତେବେ ପାକିସ୍ତାନ ହାରିବ କାରଣ ଭାରତର ଜନସଂଖ୍ୟା ପାକିସ୍ତାନ ଅପେକ୍ଷା ପାଞ୍ଚ ଗୁଣ ଅଧିକ। ମୁଁ ପାଇଥିବା ମୃତ୍ୟୁ ଧମକର ସଂଖ୍ୟା ଗଣିପାରିବି ନାହିଁ। ମୋର ଓକିଲ ମୋତେ ସତର୍କ ରହିବାକୁ ଏବଂ ମୋର ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ସଚେତନ ରହିବାକୁ କହିଥିଲେ।' ବର୍ତ୍ତମାନ, ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚୌଧୁରୀ ପରଭେଜ ଏଲାହି ପିଟିଆଇର ନେତୃତ୍ୱ ନେଉଛନ୍ତି। ଇମ୍ରାନ ଖାନଙ୍କୁ ଜେଲ ଯିବା ପରେ ସେ ୨୩ ମାର୍ଚ୍ଚ, ୨୦୨୩ ଠାରୁ ଦଳର ନେତୃତ୍ୱ ନେଉଛନ୍ତି। କିରିଆକୋ କହିଛନ୍ତି ଯେ ତାଙ୍କ ବକ୍ତବ୍ୟ ପ୍ରତ୍ୟାହାର କରିବା ପରିବର୍ତ୍ତେ, ସେ ଠିକ୍ ବିପରୀତ କରିଥିଲେ। ସେ ତାଙ୍କ ଓକିଲଙ୍କ ପରାମର୍ଶକୁ ଅଣଦେଖା କରି ଚିଠିଟିକୁ ଫୋପାଡ଼ି ନୀରବ ରହିବାକୁ ପିଟିଆଇକୁ ଏକ କଠୋର ଉତ୍ତର ପଠାଇଲେ। ସେ କହିଲେ, 'ମୋ ଓକିଲ ମୋତେ ଏହାକୁ ଫୋପାଡ଼ି ଦେବାକୁ କହୁଥିଲେ, କିନ୍ତୁ ମୁଁ ଏହାକୁ ଫୋପାଡ଼ି ନଥିଲି। ମୁଁ ତାଙ୍କୁ ଏକ ଇମେଲ୍ ପଠାଇଥିଲି, ଯେଉଁଥିରେ ଲେଖାଥିଲା, 'ତୁମର କ୍ଷମା ପ୍ରାର୍ଥନା ଦାବି ସମ୍ପର୍କରେ, ମୁଁ କହିବାକୁ ଚାହୁଁଛି ଯେ ମୁଁ ତୁମର ଚିଠିରୁ ଟଏଲେଟ୍ ପେପର ତିଆରି କରିଛି, ଏହାକୁ ପୋଛି ଦେଇଛି ଏବଂ ଫୋପାଡ଼ି ଦେଇଛି।''

## ଦୁବାଇ ଏୟାର ସୋ'ରେ ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ, ପାଇଲଟ ମୃତ



ନୂଆଦିଲ୍ଲୀ : ଦୁବାଇ ଏୟାର ଶୋ'ରେ ଏକ ବଡ଼ ଅଘଟଣ ଘଟିଛି । ସେଠାରେ ଚାଲିଥିବା ପ୍ରଦର୍ଶନୀ ସମୟରେ ଏକ ଭାରତୀୟ ତେଜସ୍ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ପାଇଲଟ ମୃତ୍ୟୁବରଣ କରିଛନ୍ତି । ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହୋଇଛି । ଭିଡିଓରେ ଦେଖାଯାଉଛି ଯେ ତେଜସ୍ ଜେଟ୍ ଆକାଶରେ ବିମାନ ଖେଳୁଛି ଏବଂ ହଠାତ୍ ତଳକୁ ଖସିପଡୁଛି ଓ ଏକ ବଡ଼ ବିସ୍ଫୋରଣ ହେଉଛି । ଏହାକୁ ଦେଖି ଦର୍ଶକମାନେ ସ୍ତବ୍ଧ ହୋଇଯାଇଥିଲେ । ଚିନ୍ତାଜନକ କଥା ହେଉଛି ପାଇଲଟ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଭିଡିଓରେ ମଧ୍ୟ ପାଇଲଟ ବାହାରି ଆସିଥିବା ଦେଖାଯାଉନଥିଲା । ଏଣୁ ସେ ମୃତ୍ୟୁବରଣ କରିଥିବା ସଂଦେହ କରାଯାଉଥିଲା । ଏବେ ତାହା ସ୍ପଷ୍ଟ ହୋଇଛି । ସ୍ଥାନୀୟ ସମୟ ଅନୁସାରେ ଅପରାହ୍ନ ୨:୧୦ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା, ଯେତେବେଳେ ହଜାର ହଜାର ଦର୍ଶକ ବିମାନର ଏରୋବାଟିକ୍ସ ଦେଖୁଥିଲେ। ଆକାଶରେ ଗତି କରୁଥିବା ସମୟରେ, ପାଇଲଟ୍ ହଠାତ୍ ବିମାନ ଉପରୁ ନିୟନ୍ତ୍ରଣ ହରାଇଲେ, ଯାହା ଫଳରେ ଏହା ଭୂମିରେ ଖସି ପଡ଼ିଥିଲା। ଦୁର୍ଘଟଣା ପରେ, ଦୁବାଇ ଏୟାର ସେ କୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି। ତେଜସ୍ ହେଉଛି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚଏଏଲ) ଦ୍ୱାରା ନିର୍ମିତ ଏକ ୪.୫ -ପିଢ଼ିର ମଲିଟିରୋଲ୍ ଯୁଦ୍ଧ ବିମାନ ଯାହା ବାୟୁ-ପ୍ରତିରକ୍ଷା ମିଶନ, ଆକ୍ରମଣାତ୍ମକ ବାୟୁ ସମର୍ଥନ ଏବଂ ନିକଟ ଯୁଦ୍ଧ କାର୍ଯ୍ୟ ସମ୍ପାଦନ କରିଥାଏ।

## ୟୁକ୍ରେନ୍ ପାଇଁ ଟ୍ରମ୍ପଙ୍କ ଚିଠା ଶାନ୍ତି ପ୍ରସ୍ତାବ



ୱାସିଂଟନ: ୟୁକ୍ରେନ୍ ଯୁଦ୍ଧ ଶେଷ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଚିଠା ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ଅନୁସାରେ ରୁଷ୍ ଦଖଲ କରିଥିବା ୟୁକ୍ରେନର ଜମି ରୁଷ୍‌କୁ ହସ୍ତାନ୍ତର କରାଯିବ ଏବଂ କିବ୍‌ର ସୈନ୍ୟବାହିନୀର ଆକାରକୁ ଛୋଟ କରାଯିବ। ତେବେ ଏ ପ୍ରସ୍ତାବରେ କିବ୍ କେତେଦୂର ରାଜି ହେଉଛି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। କାରଣ ଟ୍ରମ୍ପଙ୍କ ଯୋଜନା ଯେତେବେଳେ ରୁଷ୍‌ର ଦାବିର ବିପରୀତ ହେଉଛି, ସେତେବେଳେ ମସ୍କୋ ଓହରିଯାଉଛି ଏବଂ ଏହା ଯେତେବେଳେ ୟୁକ୍ରେନ୍‌ର ସ୍ୱାର୍ଥରେ ବାଧା ପହଞ୍ଚାଉଛି, ସେତେବେଳେ କିବ୍ ରାଜି ହେଉ ନାହିଁ। ୱାସିଂଟନ ଓ ମସ୍କୋ ମଧ୍ୟରେ ଆଲୋଚନାରୁ ଉତ୍ପନ୍ନ ଏହି ପ୍ରସ୍ତାବ ରୁଷ୍ ପାଇଁ ନିର୍ଣ୍ଣାୟକ ଭାବରେ ଅନୁକୂଳ ମନେ ହେଉଛି, ଯାହା ପ୍ରାୟ ଚାରି ବର୍ଷ ପୂର୍ବେ ଏହାର ପଡ଼ୋଶୀ ଉପରେ ଆକ୍ରମଣ କରି ଯୁଦ୍ଧ ଆରମ୍ଭ କରିଥିଲା। ତେବେ ୟୁକ୍ରେନର ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କିଙ୍କ ପାଇଁ ଏହି ପ୍ରସ୍ତାବ ଗ୍ରହଣ କରିବା ଅସମ୍ଭବ ମନେହେଉଛି, ଯିଏ ରୁଷ୍‌କୁ ଜମି ଦେବା ଲାଗି ଟ୍ରମ୍ପଙ୍କ ପୂର୍ବ ପ୍ରସ୍ତାବକୁ ବିରୋଧ କରିଥିଲେ। ଯୁଦ୍ଧ ଶେଷ କରିବା ପାଇଁ ଟ୍ରମ୍ପଙ୍କ ଉଦ୍ୟମ ତାଙ୍କର ଓ ୟୁରୋପୀୟ ନେତାଙ୍କ ମଧ୍ୟରେ ଫାଟ ସୃଷ୍ଟି କରିପାରେ, ଯେଉଁମାନେ ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ତାଙ୍କ ଆକ୍ରମଣ ପାଇଁ ପୁରସ୍କୃତ କରିବା ଭଳି କୌଣସି ଚୁକ୍ତିନାମାକୁ ବିରୋଧ କରିବାର ସମ୍ଭାବନା ରହିଛି। ଏହି ପ୍ରସ୍ତାବ କେବଳ ୟୁକ୍ରେନକୁ ନାଟୋରେ ଯୋଗଦେବାକୁ ବାରଣ କରିବ ନାହିଁ ବରଂ ମିଳିତ ମଞ୍ଚର ଭବିଷ୍ୟତ ବିସ୍ତାରକୁ ମଧ୍ୟ ରୋକିବ। ଏଭଳି ପଦକ୍ଷେପ ମସ୍କୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହେବ, ଯାହା ନାଟୋକୁ ଏକ ବିପଦ ଭାବରେ ଦେଖେ।

ଚିଠା ପ୍ରସ୍ତାବ ଅନୁଯାୟୀ, ମସ୍କୋ ସମସ୍ତ ପୂର୍ବ ଡୋନବାସ ଅଞ୍ଚଳକୁ ଦଖଲ କରିବ, ଯଦିଓ ପ୍ରାୟ ୧୪% ୟୁକ୍ରେନ୍ ହାତରେ ରହିଛି। ୟୁକ୍ରେନ୍‌ର ସୈନ୍ୟବାହିନୀରେ ବର୍ତ୍ତମାନ ପ୍ରାୟ ୮୮୦,୦୦୦ ସୈନ୍ୟ ଥିବାବେଳେ ତାହା ୬୦୦,୦୦୦କୁ ହ୍ରାସ ପାଇବ। ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଜେଲେନସ୍କିଙ୍କ ଜଣେ ବରିଷ୍ଠ ପରାମର୍ଶଦାତା ରୁସ୍ତମ ଉମେରୋଭଙ୍କ ସହ ଆଲୋଚନା କରିବା ପରେ ଆମେରିକା ଟିମ୍ ଏହି ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରିଥିଲା। ଅନେକ ପରିବର୍ତ୍ତନ କରିବା ପରେ ଉମେରୋଭ୍ ଅଧିକାଂଶ ଯୋଜନାରେ ରାଜି ହୋଇଥିଲେ ଏବଂ ପରେ ଏହାକୁ ଜେଲେନସ୍କିଙ୍କୁ ପ୍ରଦାନ କରିଥିଲେ। ଆମେରିକାର ସେନା ସଚିବ ଡାନ୍ ଡ୍ରିସ୍କୋଲ୍ ମଧ୍ୟ ଗୁରୁବାର କିବ୍‌ରେ ଥିଲେ ଏବଂ ଜେଲେନସ୍କିଙ୍କ ସହ ସର୍ବଶେଷ ଡ୍ରାଫ୍ଟ ଉପରେ ଆଲୋଚନା କରିଥିଲେ ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। ଜେଲେନସ୍କି ସୋସିଆଲ ମିଡିଆରେ ଏହା ବିଷୟରେ ଏକ ମାପଚୁପ ବିବୃତି ପ୍ରଦାନ କରିଥିଲେ କିନ୍ତୁ ପ୍ରସ୍ତାବର ସାରାଂଶ ବିଷୟରେ ସିଧାସଳଖ କିଛି କହି ନ ଥିଲେ। ଏହି ପ୍ରସ୍ତାବ ଅନୁଯାୟୀ, ରୁଷ୍ ଭବିଷ୍ୟତରେ କୌଣସି ଆକ୍ରମଣ ନ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବ। ଏହା ବ୍ୟତୀତ ଫ୍ରିଜ୍ ହୋଇଥିବା ରୁଷ୍‌ର ସମ୍ପତ୍ତିରୁ ୧୦୦ ବିଲିୟନ ଡଲାର ୟୁକ୍ରେନର ପୁନଃନିର୍ମାଣ ପାଇଁ ଦାନ କରାଯିବ। ତଥାପି ରୁଷ୍‌କୁ ଅଞ୍ଚଳ ହସ୍ତାନ୍ତର କରିବା ୟୁକ୍ରେନ୍ ପାଇଁ ଅପମାନଜନକ ହେବ। ୟୁକ୍ରେନ୍‌ର ସମ୍ବିଧାନ ଅନୁଯାୟୀ ଏହା ମଧ୍ୟ ବେଆଇନ। ଜେଲେନସ୍କି ବାରମ୍ବାର ଏପରି ସମ୍ଭାବନାକୁ ଏଡ଼ାଇ ଆସିଛନ୍ତି। ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ର ଜାପୋରିଝିଆରୁ ଉତ୍ପାଦିତ ଶକ୍ତିର ଅଧା ରଖିବାକୁ ମଧ୍ୟ ରୁଷ୍ ?କୁ ଅନୁମତି ଦିଆଯିବ, ଯାହାକୁ ଯୁଦ୍ଧ ସମୟରେ ରୁଷ୍ ଦ୍ୱାରା ଦଖଲ କରାଯାଇଥିଲା। ଡ୍ରାଫ୍ଟରେ ଏକ ଶାନ୍ତି ପରିଷଦ ପାଇଁ ଆହ୍ୱାନ କରାଯାଇଛି ଯାହାକୁ ଟ୍ରମ୍ପ ତଦାରଖ କରିବେ। ଯଦି ୟୁକ୍ରେନ୍ କିମ୍ବା ରୁଷ୍ ଯୁଦ୍ଧବିରତି ଉଲ୍ଲଂଘନ କରନ୍ତି, ତେବେ ଏହା ପ୍ରତିବନ୍ଧକର ସମ୍ମୁଖୀନ ହେବ।

## ବ୍ରାଜିଲ ସିଓପି-୩୦ରେ ଅଗ୍ନିକାଣ୍ଡ, ୨୧ ଆହତ




ବେଲେମ୍: ବ୍ରାଜିଲର ବେଲେମ୍‌ରେ ମିଳିତ ଜାତିସଂଘ ସିଓପି୩୦ ଜଳବାୟୁ ଶିଖର ସମ୍ମିଳନୀ ସ୍ଥଳରେ ଅଗ୍ନିକାଣ୍ଡ ଘଟିବାରୁ ଅନ୍ୟୂନ ୨୧ ଜଣ ଆହତ ହୋଇଛନ୍ତି। ହଠାତ୍ ନିଆଁ ଲାଗିବା ପରେ ହଜାର ହଜାର ଲୋକ ଜୀବନବିକଳରେ ଦୌଡ଼ିବାକୁ ଲାଗିଥିଲେ। ଅଗ୍ନିକାଣ୍ଡ ଘଟିବା ସମୟରେ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ମଧ୍ୟ ବ୍ଲୁ ଜୋନ୍ ଭିତରେ ଉପସ୍ଥିତ ଥିଲେ। ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ସେ ଓ ଅନ୍ୟ ଅଧିକାରୀମାନେ ନିରାପଦରେ ଘଟଣାସ୍ଥଳରୁ ବାହାରି ଯାଇଥିଲେ। ଗତକାଲି (ସ୍ଥାନୀୟ ସମୟ) ଅପରାହ୍ନ ପ୍ରାୟ ୨ଟା ସମୟରେ 'ବ୍ଲୁ ଜୋନ୍'ରେ ଏହି ଅଗ୍ନିକାଣ୍ଡ ଘଟିଥିଲା, ଯେଉଁଠାରେ ମୁଖ୍ୟ ପୂର୍ଣ୍ଣାଙ୍ଗ ହଲ୍ ସମେତ ସମସ୍ତ ବୈଠକ, ଆଲୋଚନା, ଦେଶ ମଣ୍ଡପ, ମିଡିଆ ସେଣ୍ଟର ଓ ସମସ୍ତ ଉଚ୍ଚସ୍ତରୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ କାର୍ଯ୍ୟାଳୟ ରହିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶିଖର ସମ୍ମିଳନୀର ଆୟୋଜନ କରୁଥିବା ଜାତିସଂଘ ସିଓପି୩୦ ପ୍ରେସିଡେନ୍ସି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଜାତିସଂଘ ଫ୍ରେମ୍‌ୱାର୍କ କନଭେନସନ୍ (ୟୁଏନ୍‌ଏଫ୍ ?ସିସିସି) ଏହି ଘଟଣା ଉପରେ ଏକ ମିଳିତ ବିବୃତି ଜାରି କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ, ଅଧିକ ଧୂଆଁ ପ୍ରଶ୍ୱାସରେ ନେଇଥିବାରୁ ତେର ଜଣ ବ୍ୟକ୍ତିଙ୍କୁ ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ସେମାନଙ୍କ ଅବସ୍ଥା ଉପରେ ନଜର ରଖାଯାଇଛି ଏବଂ ଉପଯୁକ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି ବୋଲି ୟୁଏନ୍‌ଏଫ୍ ?ସିସିସି କହିଛି। ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ଏବଂ ମିଳିତ ଜାତିସଂଘର ସୁରକ୍ଷା ଓ ନିରାପତ୍ତା ବିଭାଗ (ୟୁଏନ୍‌ଡିଏସ୍‌ଏସ୍) ତୁରନ୍ତ ତାଙ୍କୁ ସ୍ଥାନାନ୍ତର କରିଥିଲା। ଏହି ଅଗ୍ନିକାଣ୍ଡ ପରେ ଶିଖର ସମ୍ମିଳନୀ ଠିକ୍ ସମୟରେ ଶେଷ ହେବ କି ନାହିଁ ତାହା ବର୍ତ୍ତମାନ ପାଇଁ ଚିନ୍ତାର ବିଷୟ, କାରଣ ଅଗ୍ନିକାଣ୍ଡ ପରେ ଦିନର ଅବଶିଷ୍ଟ କାର୍ଯ୍ୟ ବାତିଲ କରାଯାଇଥିଲା।

### ୟୁକ୍ରେନ୍ ଉପରେ ଋଷର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ

କିଭ୍ : ୟୁକ୍ରେନୀୟ ବାୟୁସେନା କହିଛି ଯେ ରୁଷ ରାତାରାତି ୪୭୬ ୟୁକ୍ରେନୀୟ ଲକ୍ଷ୍ୟସ୍ଥଳ ଉପରେ ନକଲି ଡ୍ରୋନ୍ ଆକ୍ରମଣ ଏବଂ ବିଭିନ୍ନ ପ୍ରକାରର ୪୮ଟି କ୍ଷେପଣାସ୍ତ୍ର ଚଳାଇଛି । ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୭ ଜଣ ଆହତ ହୋଇଥିବା ଅଧିକାରୀମାନେ କହିଛନ୍ତି । ଯେତେବେଳେ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍ସ୍କି ରୁଷ ଉପରେ ଚାପ ସୃଷ୍ଟି କରିବା ପ୍ରୟାସର ଆଲୋଚନା ପାଇଁ ତୁର୍କୀରେ ଥିଲେ ସେତେବେଳେ ଏହି ଘଟଣା ଘଟିଛି । ପଶ୍ଚିମ ୟୁକ୍ରେନୀୟ ସହର ଟେର୍ନୋପିଲ୍ ?ରେ ଦୁଇଟି ନଅ ମହଲା ବିଶିଷ୍ଟ ଆପାର୍ଟମେଣ୍ଟ ବ୍ଲକ୍‌ରେ ରାତିସାରା ଆକ୍ରମଣ କରାଯାଇଥିଲା ବୋଲି ଗୃହମନ୍ତ୍ରୀ ଇହୋର୍ କ୍ଲିମେଙ୍କୋ। କହିଛନ୍ତି । ଡ୍ରୋନ୍ ଆକ୍ରମଣରେ ଅତି କମରେ ୧୬ଟି ଆବାସିକ କୋଠା, ଏକ ଆମ୍ବୁଲାନ୍ସ ଷ୍ଟେସନ, ଏକ ସ୍କୁଲ ଏବଂ ଅନ୍ୟାନ୍ୟ ନାଗରିକ ନିର୍ମାଣକୁ ଟାର୍ଗେଟ କରାଯାଇଥିଲା ବୋଲି ପ୍ରଶାସନର ମୁଖ୍ୟ କହିଛନ୍ତି । ଏହାରି ମଧ୍ୟରେ ଋଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ୟୁକ୍ରେନ୍ ରୁଷିଆନ ଭୋରୋନେଜ ସହର ଉପରେ ଚାରୋଟି ଆମେରିକା ନିର୍ମିତ ଇଞ୍ଚଇଉଗଝ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଭଗ୍ନାବଶେଷ ଏକ ଅନାଥାଶ୍ରମ ଏବଂ ଏକ ବୃଦ୍ଧାଶ୍ରମକୁ କ୍ଷତିଗ୍ରସ୍ତ କରିଛି। କୌଣସି କ୍ଷତି ହୋଇନାହିଁ, ମନ୍ତ୍ରଣାଳୟ କହିଛି ।

### ଅଠା ଫ୍ୟାକ୍ଟ୍ରି ବଏଲର ଫାଟି ୧୫ ମୃତ

ଲାହୋର : ପୂର୍ବ ପାକିସ୍ତାନର ଏକ ଅଠା ଫ୍ୟାକ୍ଟ୍ରିରେ ବଏଲର ବିସ୍ଫୋରଣ ହୋଇଛି । ଏହି ଘଟଣାରେ ଅତିକମରେ ୧୫ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ଏହି ଘଟଣାରେ ଫ୍ୟାକ୍ଟ୍ରି ମ୍ୟାନେଜରକୁ ଗିରଫ କରାଯାଇ ମାଲିକଙ୍କୁ ଖୋଜା ଚାଲିଛି । ବିସ୍ଫୋରଣ ହେବା ପରେ ମାଲିକ ଘଟଣା ସ୍ଥଳରୁ ତୁରନ୍ତ ଫେରାର ହୋଇଯାଇଛନ୍ତି ।

ତେବେ ବିସ୍ଫୋରଣର କାରଣ ଏଯାଏଁ ଜଣାପଡିନାହିଁ । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଆଖପାଖ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଘଟଣା ପରେ ସ୍ଥାନୀୟ ଲୋକ ଆତଙ୍କୀତ ଅବସ୍ଥାରେ ରହିଛନ୍ତି । ସ୍ଥାନୀୟ ପୋଲିସ ଅଧିକାରୀ ମହମ୍ମଦ ଅସଲମ କହିଛନ୍ତି, ମାମଲାର ଯାଞ୍ଚ ଚାଲିଛି

ଅନ୍ୟପଟେ ଆକ୍ରମଣ ପୂର୍ବରୁ ରୁଷ ସହିତ ପ୍ରାୟ ଚାରି ବର୍ଷର ଯୁଦ୍ଧ ସମାପ୍ତ କରିବା ପାଇଁ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୟାସର ଅଂଶ ସ୍ୱରୂପ ସେ ଏହି ସପ୍ତାହରେ ତୁର୍କୀ ଗସ୍ତ କରିବେ ବୋଲି ୟୁକ୍ରେନିନ୍ ରାଷ୍ଟ୍ରପତି ଜେଲେନ୍ସ୍କି କହିଛନ୍ତି ।

## 'ଆମେ ୯୦ ଲକ୍ଷ ଟଙ୍କା ଦେଇ ନାଁ ଲେଖାଇଛୁ'




ଫରିଦାବାଦ: ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଡାକ୍ତର, ଛାତ୍ର ଓ କର୍ମଚାରୀମାନଙ୍କ ସମ୍ପୃକ୍ତି ନେଇ ତଦନ୍ତକାରୀ ଅଧିକାରୀମାନେ ବିଶ୍ୱବିଦ୍ୟାଳୟ ଉପରେ ଚଢ଼ଉ କରୁଥିବାରୁ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଇଛି। ଅନେକ କର୍ମଚାରୀ ଓ ଛାତ୍ର ଛୁଟି ନେଇ ଘରକୁ ପଳାଇବାର ଦେଖିବାକୁ ମିଳୁଛି। ମେଡିକାଲରେ ରୋଗୀ ସଂଖ୍ୟା ମଧ୍ୟ ଅଧାରୁ ଅଧିକ କମିଯାଇଛି। ଏଭଳି ପରିସ୍ଥିତିରେ ଡାକ୍ତର ହେବା ଆଶାରେ ଲକ୍ଷ ଲକ୍ଷ ଟଙ୍କା ଦେଇ ନାଁ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିରାଶା ଖେଳିଯାଇଛି।

ଅଲ-ଫଲାହ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଚତୁର୍ଥ ବର୍ଷର ୨୨ ବର୍ଷୀୟ ଜଣେ ଛାତ୍ର କହିଛନ୍ତି, ମୁଁ ଆଶା କରୁଛି କିଛି ଦିନ ମଧ୍ୟରେ ସବୁକିଛି ଠିକ୍ ହୋଇଯିବ। ମୋର ପିତାମାତା ମୋ ଅଧ୍ୟୟନ ପାଇଁ ବହୁତ ଟଙ୍କା ଖର୍ଚ୍ଚ କରୁଛନ୍ତି। ମୋତେ ଡାକ୍ତର ଭାବେ ଦେଖିବା ପାଇଁ ମୋ ବାପା ବିପୁଳ ଟଙ୍କା ଋଣ କରିଛନ୍ତି। କାରଣ ଏମ୍‌ବିବିଏସ୍ ପାଠ୍ୟକ୍ରମର ପାଞ୍ଚ ବର୍ଷ ମଧ୍ୟରେ ଜଣେ ଛାତ୍ରକୁ ପ୍ରାୟ ୯୦ ଲକ୍ଷ ଟଙ୍କା ଦେବାକୁ ହୋଇଥାଏ। କିନ୍ତୁ ବର୍ତ୍ତମାନ ଏକ ଆତଙ୍କୀ ମଡ୍ୟୁଲ ସହ ବିଶ୍ୱବିଦ୍ୟାଳୟର ନାମ ଯୋଡ଼ି ହେବା ଏବଂ ସେମାନଙ୍କର ତିନିଜଣ ପ୍ରଫେସର ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହେବା ଫଳରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଭାଗ୍ୟ ସୂତାଖିଅରେ ଝୁଲୁଛି। ଅଲ-ଫଲାହର ଏମ୍‌ବିବିଏସ ପାଠ୍ୟକ୍ରମରେ ୨୦୦ ସିଟ୍ ଅଛି, ଯାହା ୨୦୧୯ରେ ଏହାର ଇଞ୍ଜିନିୟରିଂ କଲେଜ ବନ୍ଦ ହେବା ପରେ ଆରମ୍ଭ ହୋଇଥିଲା। ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ୍ (ନାକ୍)ର ସ୍ୱୀକୃତି ଦାବିକୁ ନେଇ ବିଶ୍ୱବିଦ୍ୟାଳୟ ବିବାଦରେ ରହିଛି। ଗତ ୧୦ ଦିନ ମଧ୍ୟରେ ଯାହାକିଛି ଘଟୁଛି ତାହା ଛାତ୍ର ସମ୍ପ୍ରଦାୟ ଉପରେ ଯଥେଷ୍ଟ ଚାପ ପକାଇଛି। ଫରିଦାବାଦରେ ରହୁଥିବା ବିଶ୍ୱବିଦ୍ୟାଳୟର ଜଣେ ଇଣ୍ଟର୍ନ କୁହନ୍ତି, ଯଦି ମୁଁ ଖବରରେ ଯାହା କୁହାଯାଉଛି ସେ ବିଷୟରେ ଚିନ୍ତା କରିବି, ତେବେ ମୁଁ କାମ କରିପାରିବି ନାହିଁ। ସେ ଆଶା କରନ୍ତି ଯେ, ଅଲ-ଫଲାହରେ ନାମ ଲେଖାଇବା ତାଙ୍କ କ୍ୟାରିୟରକୁ କ୍ଷତି ପହଞ୍ଚାଇବ ନାହିଁ। ସେ ଏକ ଭିନ୍ନ ବିଶ୍ୱବିଦ୍ୟାଳୟରୁ ଏମ୍ ?ଡି କରିବାକୁ ନିଷ୍ପତ୍ତି ନେଇଛନ୍ତି। କିଛି ଛାତ୍ର କହିଛନ୍ତି ଯେ, ସେମାନେ ଅନ୍ୟ କଲେଜକୁ ସ୍ଥାନାନ୍ତର ହେବା ସମେତ ସବୁଠାରୁ ଖରାପ ପରିସ୍ଥିତି ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଆଶା କରୁଛନ୍ତି ଯେ ବିଶ୍ୱବିଦ୍ୟାଳୟ ବନ୍ଦ ହେଲେ ସରକାର ସେମାନଙ୍କର ଯତ୍ନ ନେବେ।

ଦିଲ୍ଲୀ ବିସ୍ଫୋରଣ ମାମଲାରେ ସହ-ଅଭିଯୁକ୍ତ ଏବଂ ଉତ୍ତରପ୍ରଦେଶ ଲକ୍ଷ୍ନୌର ବାସିନ୍ଦା ଶାହିନ ସୟିଦ ୫ ଜଣ ଆତଙ୍କବାଦୀ ଡାକ୍ତରଙ୍କ ଏକ ଦଳ ଗଠନ କରିବାର କାର୍ଯ୍ୟ କରୁଥିଲା ବୋଲି ତଦନ୍ତକାରୀମାନେ କହିଛନ୍ତି। ଏଥିପାଇଁ ସେ ଦଳର ମୁଖ୍ୟଙ୍କୁ ମଧ୍ୟ ଚୟନ କରିଥିଲା। ଆତଙ୍କବାଦୀ ଡାକ୍ତର ଦଳର ମୁଖ୍ୟ କେବଳ ଅନ୍ୟ ଡାକ୍ତରଙ୍କ ସହ କଥା ହେଉଥିଲା। ଏହାଦ୍ୱାରା ଦଳର ଗୋପନୀୟତା ବଜାୟ ରହିବ। ଯଦି କେହି ଜଣେ ସଦସ୍ୟ ଧାରା ପଡେ ତେବେ ଅନ୍ୟମାନଙ୍କ ବିଷୟରେ କୌଣସି କଥା ଯେପରି ପ୍ରଘଟ ନ ହେବ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ସେହି ୫ ଜଣିଆ ଡାକ୍ତର ଦଳକୁ ଧରିବା ପାଇଁ ଶାହିନ ସୟିଦକୁ ପଚରାଉଚରା ଜାରି ରଖିଛନ୍ତି। ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀ ଜୈସ-ଏ-ମହମ୍ମଦ (ଜେଇଏମ୍) ପାଇଁ ଭାରତରେ ଏକ ମହିଳା ଆତଙ୍କବାଦୀ ଦଳ ଗଠନ ପାଇଁ ମଧ୍ୟ ସେ ସମସ୍ତ କାର୍ଯ୍ୟ ପରିଚାଳନା କରୁଥିଲା। ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣରେ ଅନୁସନ୍ଧାନକାରୀ ଦଳ ଆଜି ଏକ ବଡ଼ ପ୍ରମାଣ ହସ୍ତଗତ କରିଛି। ଜୈସ-ଏ-ମହମ୍ମଦର ଆତଙ୍କବାଦୀ ମଡ୍ୟୁଲ୍ କାଶ୍ମୀରର ଡାକ୍ତରଖାନାଗୁଡ଼ିକୁ ଅସ୍ତ୍ରଶସ୍ତ୍ର ହବ୍ ?ରେ ପରିଣତ କରିବାକୁ ଚେଷ୍ଟା କରୁଥିଲା, ଗାଜାରେ ଯେପରି ହମାସ ଆତଙ୍କବାଦୀମାନେ କରୁଥିଲେ। ହମାସ ବେସାମରିକ ଅଞ୍ଚଳ ଓ ଡାକ୍ତରଖାନାସବୁକୁ ଅସ୍ତ୍ରଶସ୍ତ୍ରର ଭଣ୍ଡାର ଭାବେ ବ୍ୟବହାର କରିବା ସହ ସେହିଠାରୁ ନୂଆ ଆତଙ୍କବାଦୀ ସଂଗ୍ରହ କରୁଥିଲା। ଏହି ମାମଲାରେ ୪ ସଂଦିଗ୍ଧଙ୍କୁ ଆଜି ଏନ୍‌ଆଇଏ ଶ୍ରୀନଗରରୁ ଦିଲ୍ଲୀ ଆଣିଛି। ଏହି ସୂଚନା ମିଳିବା ପରେ ଗତ ବୁଧବାରଠାରୁ ସର୍ଚ୍ଚ ଅପରେସନ ଜାରି ରହିଥିଲା। ୧୯୯୦ ପରେ କାଶ୍ମୀରରେ ଏଭଳି ଆତଙ୍କୀ କାର୍ଯ୍ୟକଳାପ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି।

# ଆଶେସ ଇତିହାସରେ ପ୍ରଥମ: ଦିନକରେ ଝଡିଲା ୧୯ ୱିକେଟ

ପର୍ଥ,୨୧।୧୧(ଏଜେନ୍ସି): ଅଷ୍ଟ୍ରେଲିଆ-ଇଂଲଣ୍ଡ ମଧ୍ୟରେ ଆଜି ଠାରୁ ଆରମ୍ଭ ହୋଇଛି ଆଶେସ ଟେଷ୍ଟ ସିରିଜ। ପ୍ରଥମ ମ୍ୟାଚ୍‌ର ପ୍ରଥମ ଦିନରେ ଦେଖିବାକୁ ମିଳିଛି ରୋମାଞ୍ଚ। ପର୍ଥରେ ହୋଇଛି ୱିକେଟ ବର୍ଷା। ଆଶେସ ଟେଷ୍ଟ ସିରିଜର ୧୦୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ପ୍ରଥମ ଦିନରେ ଝଡିଛି ୧୯ ୱିକେଟ।

## ଷ୍ଟାର୍କ ୭ ୱିକେଟ, ଇଂଲଣ୍ଡ ୧୭୨

## ଷ୍ଟୋକ୍ସଙ୍କୁ ୫, ଅଷ୍ଟ୍ରେଲିଆ ୧୨୩/୯






ସମସ୍ତ ୧୯ଟି ଯାକ ୱିକେଟ ନେଇଛନ୍ତି ଦୁଇ ଦଳର ଦ୍ରୁତ ବୋଲର। ପର୍ଥକୁ ଦ୍ରୁତ ବୋଲରଙ୍କ ସ୍ୱର୍ଗ କୁହାଯାଏ। ଆଉ ଏହାକୁ ଆସି ମିଚେଷ୍ଟ ଷ୍ଟାର୍କଙ୍କ ଠାରୁ ଆରମ୍ଭ କରି ବେନ ଷ୍ଟୋକ୍ସଙ୍କ ଯାଏ ପ୍ରମାଣିତ କରି ଦେଖାଇଛନ୍ତି।

ଏହାପୂର୍ବରୁ କୌଣସି ଆଶେସ ଟେଷ୍ଟର ଗୋଟିଏ ଦିନରେ ସର୍ବାଧିକ ୧୭ଟି ୱିକେଟ ଯିବାର ନଜର ରହିଥିଲା। ୨୦୦୧ ଟ୍ରେଣ୍ଟ ବ୍ରିଜ ଟେଷ୍ଟର ଗୋଟିଏ ଦିନରେ ଇଂଲଣ୍ଡ ୧୦ ଓ ଅଷ୍ଟ୍ରେଲିଆ ୭ ୱିକେଟ ହରାଇଥିଲା। ସେହିପରି ୨୦୦୫ ଲର୍ଡସରେ ଅଷ୍ଟ୍ରେଲିଆ ୧୦ ଓ ଇଂଲଣ୍ଡର ୭ ୱିକେଟ ଝଡିଥିଲା। କିନ୍ତୁ ଆଜି ଅର୍ଥାତ ୨୦୨୫ ଆଶେସ ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ୧୦ଟି ଓ ଅଷ୍ଟ୍ରେଲିଆ ୯ଟି ୱିକେଟ ହରାଇଛନ୍ତି।

ପର୍ଥ କଥା ବିଚାରକୁ ନେଲେ ପ୍ରଥମଥର ପାଇଁ ଏଠାରେ ଖେଳା ଯାଉଥିବା କୌଣସି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ୧୯ଟି ୱିକେଟ ଝଡିଛି। ଏହାପୂର୍ବରୁ ୨୦୨୪ ଭାରତ ଓ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟର ପ୍ରଥମ ଦିନରେ ୧୭ଟି ଯାଇଥିଲା। ଆଜି କିନ୍ତୁ ଟେଷ୍ଟ କ୍ରିକେଟରେ ପର୍ଥ ନୂଆ ଅଧ୍ୟାୟ ଯୋଡିଛି।

ମାସ ମାସ ଧରି ଯେଉଁ ଟେଷ୍ଟ କ୍ରିକେଟକୁ ଲୋକମାନେ ଅପେକ୍ଷା କରି ରୁହନ୍ତି ଆଜି ସେମିତି କିଛି ଘଟିଛି। ଯଦି ଆପଣ କ୍ରିକେଟ ପ୍ରେମୀ, ତା'ହେଲେ ନିଶ୍ଚିତ ଆଜିର ମ୍ୟାଚ୍ ଆପଣଙ୍କୁ ଏହାର ପ୍ରେମରେ ଆହୁରି ବାନ୍ଧିବାକୁ ସକ୍ଷମ ହେବ। ପର୍ଥର ପରମ୍ପରା ହେଉଛି ଦ୍ରୁତ ବୋଲରଙ୍କ ଫାଇଦା ଦେବା। ଆଜି ଏହା ପୁଣି ପ୍ରମାଣିତ ହୋଇଛି।ଦିନକରେ ୧୯ ୱିକେଟ ଯାଇଛି ଓ ଦ୍ରୁତ ବୋଲରମାନେ ଏହାକୁ ଦଖଲ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ଭାଗ ମିଚେଲ ଷ୍ଟାର୍କଙ୍କ ନାଁରେ ରହିଥିବା ବେଳେ ଦ୍ୱିତୀୟ ଭାଗରେ କମାଲ କରିଛନ୍ତି ଇଂଲିଶ ଅଧିନାୟକ ବେନ ଷ୍ଟୋକ୍ସ।

ପାଟ କମିନ୍ସ ଓ ଜୋଶ ହାଜେଲଉଡଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆର ଦ୍ରୁତ ବୋଲିଂ ମଙ୍ଗ ଷ୍ଟାର୍କଙ୍କ ଉପରେ ରହିଥିଲା। ଆଉ ସେ ଏକାକୀ ୭ ୱିକେଟ ନେଇ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଇଂଲଣ୍ଡକୁ ୧୭୨ ରନରେ ଅଟକାଇ ଦେଇଛନ୍ତି। ଷ୍ଟାର୍କଙ୍କ ବ୍ୟତୀତ ଡେବ୍ୟୁଟାଣ୍ଟ ବ୍ରେଣ୍ଡନ ଡୋଗେଟ୍ଟ ୨ଟି ଓ କାମେରନ ଗ୍ରୀନ ଗୋଟିଏ ସଫଳତା ପାଇଛନ୍ତି।

ଏହାପରେ ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଘରୋଇ ପରିବେଶରେ ଦଳ ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୧୨୩ ରନ କରିଛି। ଏବେ ବି ଅଷ୍ଟ୍ରେଲିଆ ଭ୍ରମଣକାରୀ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ୪୯ ରନ ପଛରେ ରହିଛି। ପ୍ରଥମ ଦିନର ଖେଳ ଶେଷ ହେବା ବେଳକୁ ଡେବ୍ୟୁଟାଣ୍ଟ ବ୍ରେଣ୍ଡନ ଡୋଗେଟ୍ଟ(୦) ଓ ନାଥନ ଲାୟନ(୩) କ୍ରିଜରେ ରହିଛନ୍ତି। ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ୫ ୱିକେଟ ନେଇଥିବା ବେଳେ ଜୋଫ୍ରା ଆର୍‌ଚ୍ଚର ଓ ବ୍ରାୟଣ୍ଡନ କାର୍ସ ୨ଟି ଲେଖାଏ ସଫଳତା ପାଇଛନ୍ତି।

କମିନ୍ସଙ୍କ ଅନୁପସ୍ଥିତିରେ ଷ୍ଟିଭ ସ୍ମିଥ ଅଷ୍ଟ୍ରେଲିଆର କମାଣ ସମ୍ଭାଳିଥିଲେ ହେଁ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିପାରି ନାହାନ୍ତି। ସ୍ମିଥ କେବଳ ୧୭ ରନ କରିପାରିଛନ୍ତି। ଇଂଲଣ୍ଡର ବ୍ୟାଟିଂ ବେଳେ ହ୍ୟାରୀ ବ୍ରୁକ, ଓଲି ପପ ଓ ଜେମି ସ୍ମିଥଙ୍କୁ ଛାଡି ବାକି ସମସ୍ତେ ଷ୍ଟାର୍କଙ୍କ ଆଗରେ ଆତ୍ମସମର୍ପଣ କରିଥିଲେ। ବ୍ରୁକ ୫୨ ରନର ଇନିଂସ ଖେଳିଥିବା ବେଳେ ପପ ୪୬ ଓ ସ୍ମିଥ ଦ୍ରୁତ ୩୩ ରନ କରିବାରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା। ସେହିପରି ଅଷ୍ଟ୍ରେଲିଆ ପାଇଁ ଆଲେକ୍ସ କେରୀ ସର୍ବାଧିକ ୨୬ ରନ କରିଥିବା ବେଳେ ଗ୍ରୀନ ୨୪ ଓ ଟ୍ରାଭିସ ହେଡ୍ ୨୧ ରନ କରିଛନ୍ତି।

# ଗୌହାଟି ଟେଷ୍ଟରୁ ଗିଲ୍ ଆଉଟ, ଋଷଭ ପନ୍ତ ଅଧିନାୟକ






ଗୌହାଟି,୨୧।୧୧: ଦକ୍ଷିଣ ଆଫ୍ରିକା ବିପକ୍ଷ ଗୁହାଟୀ ଟେଷ୍ଟ ପୂର୍ବରୁ ଭାରତକୁ ବଡ ଝଟକା। ଦୁଇ ଟିକିଆ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ହାରି ସାରିଥିବା ଭାରତ ଏବେ ନିଜ ନିୟମିତ ଅଧିନାୟକ ଶୁବମନ ଗିଲଙ୍କୁ ହରାଇଛି। ଦ୍ୱିତୀୟ ଟେଷ୍ଟରୁ ବାଦ ପଡିଛନ୍ତି ଗିଲ।

ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ଗିଲ୍ ବେକ ଜନିତ ସମସ୍ୟାରେ ପଡିଥିଲେ। ତଥାପି ତାଙ୍କୁ ସ୍କ୍ୱାଡରୁ ବାଦ ଦିଆ ଯାଇ ନଥିଲା। କିନ୍ତୁ ଶୁକ୍ରବାର ସକାଳୁ ସେ ନିଜର ଆହତ ସମସ୍ୟାର ଚିକିତ୍ସା ପାଇଁ ମୁମ୍ବାଇର ବିଶେଷଜ୍ଞ ଡାକ୍ତର ଟିମ ପାଖରେ ପହଞ୍ଚିଛନ୍ତି। ତାଙ୍କ ଆହତ ସମସ୍ୟା ଜଟିଳ ଥିବାରୁ ତାଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ ଦିଆଯାଇଛି। ଗିଲ ବାଦ ପଡିଥିବାରୁ ଏବେ ଋଷଭ ପନ୍ତ ଭାରତୀୟ ଟେଷ୍ଟ ଟିମର ଅଧିନାୟକ ଦାୟିତ୍ୱ ପାଇଛନ୍ତି। ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ଗୁହାଟୀ ଟେଷ୍ଟରେ ଭାରତ ପନ୍ତଙ୍କ ନେତୃତ୍ୱରେ ଖେଳିବ। ସେ ପୂର୍ବରୁ ଗିଲଙ୍କ ଡେପୁଟି ରହିଥିଲେ। ଗିଲଙ୍କ ଅନୁପସ୍ଥିତିରେ ପନ୍ତଙ୍କୁ ଭାରତୀୟ ଟିମର କମାଣ ମିଳିଛି। ବିସିସିଆଇ ପକ୍ଷରୁ ଗୋଟିଏ ବିବୃତିରେ କୁହାଯାଇଛି ଯେ "ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ବେକ ଜନିତ ଆହତ ସମସ୍ୟାରେ ପଡିଥିବା ଭାରତୀୟ ଟିମର ଅଧିନାୟକ ଶୁବମନ ଗିଲ ଗୁହାଟୀରେ ଖେଳା ଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ବାଦ ପଡିଛନ୍ତି। କୋଲକାତା ଟେଷ୍ଟର ଦ୍ୱିତୀୟ ଦିନରେ ବେକରେ ସମସ୍ୟା ଅନୁଭବ କରିଥିବା ଗିଲଙ୍କୁ ସେଦିନର ଖେଳ ପରେ ହସ୍ପିଟାଲକୁ ନିଆଯାଇଥିଲା।ସେଠାରେ ତାଙ୍କ ଚିକିତ୍ସା ହୋଇଥିଲା ଓ ଦିନକ ପରେ ସେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ। ୧୯ ନଭେମ୍ବରରେ ସେ ଗୁହାଟୀ ଗସ୍ତ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସେ ଦ୍ୱିତୀୟ ଟେଷ୍ଟ ପାଇଁ ସଂପୂର୍ଣ୍ଣ ଫିଟ ହୋଇ ପାରି ନାହାନ୍ତି। ସେ ନିଜର ଆହତ ସମସ୍ୟାର ଅଧିକ ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତ କରିଛନ୍ତି। ଗିଲଙ୍କ ଅନୁପସ୍ଥିତିରେ ଋଷଭ ପନ୍ତ ଦ୍ୱିତୀୟ ଟେଷ୍ଟରେ ଦଳର ନେତୃତ୍ୱ ନେବେ।"

କୋଲକାତାରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଗିଲ ମାତ୍ର ୩ଟି ବଲ ସାମ୍ନା କରି ରିଟାର୍ଡ ହର୍ଟ ହୋଇଥିଲେ। ମ୍ୟାଚ୍ର ଦ୍ୱିତୀୟ ଦିନ ଏପରି ଘଟଣା ଘଟିଥିଲା। ତୃତୀୟ ଦିନ ସକାଳୁ ଗିଲ ମ୍ୟାଚ୍‌ରେ ଭାଗ ନେଇପାରିବେ ନାହିଁ ବୋଲି ବିସିସିଆଇ ନିଶ୍ଚିତ କରିଥିଲା। ଭାରତ ଏହି ଟେଷ୍ଟକୁ ଜିତିବା ପାଇଁ ୧୨୪ ରନର ପିଛା କରୁଥିଲେ ହେଁ ୯୩ ରନରେ ଅଟକି ଯାଇଥିଲା। ଦକ୍ଷିଣ ଆଫ୍ରିକା ୩୦ ରନରେ ମ୍ୟାଚ୍ ଜିତି ଏବେ ସିରିଜରେ ୧-୦ରେ ଆଗୁଆ ହୋଇ ଯାଇଛି।

ଏହାପୂର୍ବରୁ ଗିଲ ୨୦୨୪ ଅକ୍ଟୋବରରେ ସମାନ କାରଣ ପାଇଁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଗୋଟିଏ ଟେଷ୍ଟରୁ ବାଦ ପଡିଥିଲେ। ଗିଲ ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ବାଦ ପଡିଥିବାରୁ ତାଙ୍କ ବଦଳରେ କିଏ ଚୂଡାନ୍ତ ଏକାଦଶରେ ରହିବେ, ତାହା ଟିମ ମ୍ୟାନେଜମେଣ୍ଟ ଆଗରେ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି। ସମ୍ଭବତଃ ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକ୍କଲଙ୍କ ମଧ୍ୟରୁ ଜଣେ ଗିଲଙ୍କ ସ୍ଥାନ ନେଇ ପାରନ୍ତି। ପ୍ରଥମ ଟେଷ୍ଟରେ ଭାରତୀୟ ଟିମରେ କେଏଲ ରାହୁଲ ଓ ଧ୍ରୁବ ଜୁରେଲଙ୍କୁ ଛାଡି ଦେଲେ ସମସ୍ତ ଟପ ଅର୍ଡର ବ୍ୟାଟର ବାମହାତୀ ରହିଥିଲେ। ସୁଦର୍ଶନ ଓ ପାଡିକ୍କଲ ମଧ୍ୟ ବାମହାତୀ। ଏପରି ସ୍ଥିତିରେ ପ୍ରଥମ ଟେଷ୍ଟରେ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଜିତିଥିବା ଅପ ସ୍ପିନର ସିମମ ହାର୍ମର ଦ୍ୱିତୀୟ ଟେଷ୍ଟରେ ପୁଣି ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିବାର ଆଶଙ୍କା ରହିଛି। ତେଣୁ ଚୂଡାନ୍ତ ଏକାଦଶରେ ଅକ୍ଷର ପଟେଲଙ୍କ ସ୍ଥାନରେ ନୀତୀଶ ରେଡ୍ଡୀଙ୍କୁ ସୁଯୋଗ ମିଳିପାରେ।

## ବ୍ଲକସ୍ତରୀୟ ଖେଳକୁଦ

ବଙ୍ଗୋମୁଣ୍ଡା,୨୧।୧୧- ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଜୁରାବନ୍ଧ ଗ୍ରାମରେ ମାଁ ଭାରତ ବଲାଙ୍ଗୀର ଓ କପିଳେଶ୍ୱର ଯୁବକ ସଂଘ ଜୁରାବନ୍ଧ ଆନୁକୂଲ୍ୟ ରେ ଚାଲିଥିବା ବ୍ଲକସ୍ତରୀୟ ୩ ଦିନିଆ। ଖେଳକୁଦ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ,ସମ୍ମାନିତ ଅତିଥି ଭାବେ ସିନ୍ଧେକେଲା ଜୋନ ର ଜିଲ୍ଲା ପରିଷଦ ସଦସ୍ୟା ଦାମ ସୁନା,ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼,ବିଜେପି ନେତା ଖୀରସିନ୍ଧୁ ବଛା, ସମିତି ସଭ୍ୟ ଙ୍କ ପ୍ରତିନିଧି ବୈଶାଖୁ ମିର୍ଦ୍ଧା,ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବାଲାନନ୍ଦ ହଂସ, ଯଶୋବନ୍ତ ପୋଡ଼,ସାମ୍ବାଦିକ ରାଧେଶ୍ୟାମ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ ବିଜେତା ଦଳ କୁ ଟ୍ରଫି ପ୍ରଦାନ କରିଥିଲେ।

# ଦିଲ୍ଲୀ ପ୍ରଦୂଷଣ ପାଇଁ ବିସିସିଆଇର ପଦକ୍ଷେପ

ନୂଆଦିଲ୍ଲୀ,୨୧।୧୧: ଦେଶର ରାଜଧାନୀରେ ଏବେ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଭୟଙ୍କର ଅବସ୍ଥାରେ ରହିଛି। ପୂରା ଦିଲ୍ଲୀ ପ୍ରଦୂଷଣର ବିଷ ବଳୟରେ ଆଉଟ ପାଉଟ ହେଉଛି। ମାସ୍କ ବି ଦିଲ୍ଲୀରେ ଲୋକଙ୍କୁ ସୁରକ୍ଷା ଦେଇ ପାରୁନି। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ବାଧ ହୋଇ ଗୋଟିଏ ବଡ ପଦକ୍ଷେପ ନେଇଛି।

ବିସିସିଆଇ ତା'ର ବାର୍ଷିକ ଅଣ୍ଡର ୨୩ ଦିନିକିଆ ଟୁର୍ଣ୍ଣାମେଣ୍ଟର ନକଆଉଟ ପର୍ଯ୍ୟାୟକୁ ଦିଲ୍ଲୀରୁ ବାହାରକୁ ସ୍ଥାନାନ୍ତର କରିଛି। ଏବେ ଅଣ୍ଡର ୨୩ର ନକଆଉଟ ମ୍ୟାଚ୍‌ଗୁଡିକ ଦିଲ୍ଲୀ ବଦଳରେ ମୁମ୍ବାଇରେ ଖେଳାଯିବ।

ପ୍ରଦୂଷଣ ବୃଥିବାରୁ ନିକଟରେ ସୁପ୍ରିମକୋର୍ଟ ଦିଲ୍ଲୀ ଓ ଏନସିଆର ରିଜନରେ ହେଉଥିବା ଆଉଟଡୋର କ୍ରୀଡାକୁ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ବାୟୁର ଗୁଣବତ୍ତା ବିପଦଜନକ ସ୍ଥିତିରେ ଥିବାରୁ ସୁପ୍ରିମକୋର୍ଟ ଏପରି ପରାମର୍ଶ ଦେଇଥିଲେ। ଏହାପରେ ବିସିସିଆଇ ଅଣ୍ଡର ୨୩ ପୁରୁଷ ଟୁର୍ଣ୍ଣାମେଣ୍ଟର ନକଆଉଟ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକୁ ମୁମ୍ବାଇକୁ ସ୍ଥାନାନ୍ତର କରିଛି।

ଏବେ ନଭେମ୍ବର ୨୫ରୁ ଡିସେମ୍ବର ୧ ଯାଏ ଦିଲ୍ଲୀ ବଦଳରେ ମୁମ୍ବାଇ କ୍ରିକେଟ ଆସୋସିଏସନ(ଏମସିଏ)ରେ ନକଆଉଟ ମ୍ୟାଚ୍‌ଗୁଡିକ ଖେଳାଯିବ। ବିସିସିଆଇ ପକ୍ଷରୁ ଏମସିଏକୁ ଅଣ୍ଡର ୨୩ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ହେବାକୁ କହିଛି। ଏମସିଏକୁ ବିସିସିଆଇ ପକ୍ଷରୁ ଏନେଇ ଫୋନ ଆସିଥିବା ମଧ୍ୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି।

ଜଣେ ଅଧିକାରୀ କହିଛନ୍ତି, "ଆଜି ବିସିସିଆଇରୁ ଆମ ପାଖକୁ ଫୋନ ଆସିଛି। ରାଜଧାନୀରେ ଅତ୍ୟନ୍ତ ପ୍ରଦୂଷଣ ଯୋଗୁ ଏମସିଏକୁ ଅଣ୍ଡର ୨୩ ଦିନିକିଆ ନକଆଉଟ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ପାଇଥିବା ସେମାନେ କହିଛନ୍ତି। ବର୍ତ୍ତମାନର ପ୍ରଦୂଷଣ ସ୍ଥିତି ଯୋଗୁ ସେଠାରେ କ୍ରିକେଟ ସମ୍ଭବ ନୁହେଁ।" ପାଣିପାଗ ବିଜ୍ଞାନୀଙ୍କ କହିବା କଥା ଯେ ଦିଲ୍ଲୀର ବାୟୁ ଗୁଣବତ୍ତା ଆଗକୁ ଆହୁରି ବିଗିଡିବାର ଆଶଙ୍କା ରହିଛି। ଅତ୍ୟନ୍ତ ଖରାପରୁ ଭୟଙ୍କର ବର୍ଗକୁ ବାୟୁର ଗୁଣବତ୍ତା ଯାଇ ପାରେ। ଆସନ୍ତା ୬ ଦିନ ମଧ୍ୟରେ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ରହିବ। ଏହା ଖେଳାଳି, ଅଧିକାରୀ ଓ ଦର୍ଶକଙ୍କ ପାଇଁ ଘାତକ ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ରଖିଥିଲେ। ତେଣୁ ବିସିସିଆଇ ବାଧ ହୋଇ ଟୁର୍ଣ୍ଣାମେଣ୍ଟକୁ ସ୍ଥାନାନ୍ତର କରିଛି।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ

# ପଳାଶପୁର ଓ ଗଙ୍ଗପଡ଼ା ବିଜୟୀ





ଖୋର୍ଦ୍ଧା,୨୧।୧୧: :ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚ ପଳାଶପୁର ଦଳ ଅରିସଲକୁ ୧୩ ରନ୍ ରେ ପରାସ୍ତ କରିଛି ୍ର ପଳାଶପୁର ଦଳ ପ୍ରଥମେ ବ୍ୟାଟିଂ କରି ବସନ୍ତ ସାହୁ ଙ୍କ ୨୧ରନ ସହାୟତାରେ ୧୫ ଓଭର ରେ ୧୧୬ ରନ ସଂଗ୍ରହ କରିଥିଲେ ଜବାବରେ ଅରିସଲ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ୧୦୩ରନ୍ କରି ପରାଜିତ ହୋଇଥିଲା ବସନ୍ତ ସାହୁ ଘାତକ ବୋଲିଂ କରି ୫ ଟିଁୱିକେଟ ସଫଳତା ହାସଲ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବସନ୍ତ ସାହୁ ଙ୍କୁ ସମାଜସେବୀ ରାକେଶ ବରାଳ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ବାଙ୍କୀ ଦଳ ନିର୍ଦ୍ଧାରିତ ୧୮ ଓଭରରୁ ସମସ୍ତ ୱିକେଟ ହରାଇ ୧୨୫ରନ ସଂଗ୍ରହ କରିଥିଲେ। ଜବାବରେ ଗଙ୍ଗପଡ଼ା ଦଳ ନିର୍ଦ୍ଧାରିତ ୧୩ ଓଭର ରେ ୫ ୱିକେଟ ହରାଇ ବିଜୟ ହାସଲ କରି ନେଇଥିଲେ ଶ୍ରେଷ୍ଠ ଖେଳାଳି ଅନିଲ ମହାପାତ୍ର ଙ୍କୁ ସମାଜସେବୀ କଲ୍ୟାଣ କୁମାର ବାରିକ ପୁରସ୍କୃତ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ଶିବଦତ୍ତ ବଡ଼ଜେନା, ତୁଷାରକାନ୍ତ ସୁନ୍ଦରାୟ, ରାକେଶ ପାତ୍ର, ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ। ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ଆସନ୍ତାକାଲି ପ୍ରଥମ ମ୍ୟାଚ୍ ସୁଆଙ୍ଗ ବନାମ କାଇପଦର ଏବଂ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ ଭାଲିଆବାଡି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ବିବାହ କରିବେ କ୍ରିକେଟର୍ ସ୍ମୃତି ମାନ୍ଧାନା

ମୁମ୍ବାଇ: ବିଶ୍ୱ କପ୍ ଜିତିବା ପରେ ଏବେ ସବୁଆଡ଼ ମହିଳା କ୍ରିକେଟ୍ ଟିମର ଚର୍ଚ୍ଚା ହେଉଛି । ତେବେ ଏହି ଚର୍ଚ୍ଚା ମଧ୍ୟରେ ଆଉ ଏକ ଖୁସି ଖବର ଆସିଛି । ଭାରତୀୟ ମହିଳା କ୍ରିକେଟ ଦଳର ପୂର୍ବତନ ଅଧିନାୟିକା ତଥା ବ୍ୟାଟର୍ ସ୍ମୃତି ମାନ୍ଧାନା ଖୁବ ଶୀଘ୍ର ହାତକୁ ଦୁଇ ହାତ ହେବାକୁ ଯାଉଛନ୍ତି । ସେ ପ୍ରସିଦ୍ଧ ଗାୟିକା ପଲକ ମୁଚ୍ଛଲଙ୍କ ଭାଇ ତଥା ସଙ୍ଗୀତକାର ଏବଂ ଚଳଚ୍ଚିତ୍ର ନିର୍ମାତା ପଲାଶ ମୁଚ୍ଛଲଙ୍କୁ ବିବାହ କରିବାକୁ ଯାଉଛନ୍ତି । ଉଭୟଙ୍କର ନିକଟରେ ନିର୍ବନ୍ଧ ଶେଷ ହୋଇଥିବା ଜଣାପଡ଼ିଛି । ନିଜେ ସ୍ମୃତି ଏକ ଭିଡ଼ିଓ ଜରିଆରେ ଖବର ଦେଇଛନ୍ତି । ଆଜି ତାଙ୍କର ହଳଦୀ ରସମ ସରିଛି। ୨୩ରେ ସେ ବିବାହ କରିବେ। ସ୍ମୃତି ସୋସିଆଲ୍ ମିଡ଼ିଆ 'ଇନଷ୍ଟାଗ୍ରାମ୍'ରେ ଭିଡ଼ିଓ ପୋଷ୍ଟ କରି ଏକ ଭିନ୍ନ ଶୈଳୀରେ ନିଜର ନିର୍ବନ୍ଧର ଖବର ପ୍ରଶଂସକମାନଙ୍କୁ ଦେଇଛନ୍ତି । ନିଜର ଅନ୍ୟ ସହ ଖେଳାଳିଙ୍କ ସହିତ ନାଚୁଛନ୍ତି, ସମସ୍ତେ କହୁଛନ୍ତି କଣ ହୋଇଛି ଏବଂ ଶେଷରେ ସ୍ମୃତି ନିଜର ନିର୍ବନ୍ଧ ମୁଦି ଦେଖାଉଛନ୍ତି । ଯାହାକି ତାଙ୍କର ନିର୍ବନ୍ଧ ସରିଥିବା ଅନୁମାନ କରାଯାଉଛି ।



# ଭାରୋତ୍ତଳନରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କଲେ ସୁକିନ୍ଦାର ଚିନ୍ମୟ

ସୁକିନ୍ଦା୧୯/୧୧, ରାଜ୍ୟ ସ୍ତରୀୟ ଭାରବାହି (ପାୱାର ଲିଫ୍ଟିଂ) ପ୍ରତିଯୋଗିତାରେ ସୁକିନ୍ଦାର ଦୁଇ ଯୁବକସ୍ୱର୍ଣ୍ଣ ଓ ରୋପ୍ୟା ପଦକ ହାସଲ କରି ନିଜର ଓ ସୁକିନ୍ଦା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଇଣ୍ଡିଆନ ପାୱାର ଲିଫଟିଂ ଫେଡରେସନ ପକ୍ଷରୁ ଗତ ୧୪ରୁ୧୬ ତାରିଖ ପର୍ଯ୍ୟନ୍ତ ମାଲକାନାଗିରିର ନୁଆଗୁଡ଼ା ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ସବ୍ ଜୁନିଅର ପ୍ରତିଯୋଗିତାରେ ସୁକିନ୍ଦା ସଦର ମହକୁମା ସନ୍ତୋଷ କୁମାର ରଣାଙ୍କ ପୁଅ ଚିନ୍ମୟ ରଣା ୧୦୦କେଜି ବେଞ୍ଚପ୍ରେସ ଲିଫ୍ଟିଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୪୨୦କେଜି ଓଭରାଲ ପ୍ରତିଯୋଗିତାରେଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି ସେହିପରି ସୁକିନ୍ଦା ସଲିମ୍ ଖାନଙ୍କ ପୁଅ ଅଫଜଲ୍ ଖାନ ମାଷ୍ଟର ।ନ ବିଭାଗର ୩୪୫କେଜି ବେଞ୍ଚପ୍ରେସ ପ୍ରତିଯିତାରେ ଦ୍ୱିତୀୟ ଓ ଓଭରାଲରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଛନ୍ତି ଉଭୟ ଯୁବକ ଏହି ପ୍ରତିଯୋଗିତାରେ କୃତି ଅର୍ଜନ କରି ନିଜର ଓ ସୁକିନ୍ଦା ଅଞ୍ଚଳ ଓ ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଏହି କୃତିତ୍ୱ ପରେ ସାଙ୍ଗସାଥୀ , ସହପାଠୀଙ୍କ ସମେତ ବିଭିନ୍ନ ମହଲରୁ ଉଭୟଙ୍କୁ ସୁଭେଚ୍ଛାର ସୁଅ ଛୁଟୁଛି ଚିନ୍ମୟ ଏହି ପ୍ରତିଯୋଗିତାରେ କୃତି ଅର୍ଜନ କରିବା ପରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଜଣାପଡିଛିସେଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଷ୍ଟେଟ ପାୱାର ଲିଫ୍ଟିଂ ସେକ୍ରେଟାରୀ ସଂଗୀତା ସିଂ ଓ ମାଲକାନାଗିରି ବିଧାୟକ ନରସିଂହ ମାଡ଼କାମି ଓ ମାଲକାନାଗିରି ଜିଲ୍ଲା ସମ୍ପାଦକ ସିଦ୍ଧାର୍ଥ ଶଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।



# ଲାଇଭ୍ ମ୍ୟାଚ୍‌ବେଳେ ଆସିଲା ଭୂକମ୍ପ



ମୀରପୁର,୨୧।୧୧: ଟେଷ୍ଟ କ୍ରିକେଟ ଇତିହାସରେ ବିଭିନ୍ନ କାରଣରୁ ମ୍ୟାଚ୍ ବନ୍ଦ ହୋଇଥିବା ଅନେକ ଘଟଣା ଘଟିଛି। କ୍ରିକେଟ ମ୍ୟାଚ୍‌ରେ ବର୍ଷା ପ୍ରାୟତଃ ବାଧା ସୃଷ୍ଟି କରିବାର ସବୁଠାରୁ ସାଧାରଣ କାରଣ। ମୀରପୁରର ଶେର-ଏ-ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ବାଂଲାଦେଶ ଏବଂ ଆୟର୍ଲାଣ୍ଡ ମଧ୍ୟରେ ଖେଳ ଚାଲିଥିବା ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ଭୂକମ୍ପ ଯୋଗୁ ମ୍ୟାଚ୍ ବନ୍ଦ ହୋଇଯାଇଥିଲା। ଶୁକ୍ରବାର ସକାଳେ ବାଂଲାଦେଶରେ ୫.୫ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହା ମ୍ୟାଚ୍ ଉପରେ ପ୍ରଭାବ ପକାଇଥିଲା।ଆମେରିକୀୟ ଏଜେନ୍ସି USGS ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ବାଂଲାଦେଶର ନରସିଙ୍ଗଡି ନିକଟରେ ଥିଲା ଏବଂ ସକାଳ ୧୦:୦୮ ରେ ଭୂକମ୍ପ ଅନୁଭୂତ ହୋଇଥିଲା। ବାଂଲାଦେଶ ଏବଂ ଆୟର୍ଲାଣ୍ଡ ମଧ୍ୟରେ ମ୍ୟାଚ୍‌ର ପ୍ରଥମ ସେସନ ଚାଲିଥିଲା। ଦ୍ୱିତୀୟ ଇନିଂସର ୫୫ତମ ଓଭର ପରେ ଆୟର୍ଲାଣ୍ଡର ସ୍କୋର ୫ ଉଇକେଟ ହରାଇ ୧୬୫ ରନ ଥିଲା। ଭୂକମ୍ପ ଖେଳକୁ କିଛି ସମୟ ପାଇଁ ବାଧା ଦେଇଥିଲା। ତଥାପି, କିଛି ମିନିଟ ପରେ ଖେଳ ପୁଣି ଆରମ୍ଭ ହୋଇଥିଲା। କ୍ରିକେଟ ଆୟର୍ଲାଣ୍ଡ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛି, ୱାଓ ! ଏଠାରେ ଏକ ଛୋଟ ଭୂକମ୍ପ ଯୋଗୁ ଖେଳ ବନ୍ଦ କରାଯାଇଛି। ଏହି ଭୂକମ୍ପ ପ୍ରାୟ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଚାଲିଲା, ଏବଂ ଖେଳାଳିମାନେ ପଡ଼ିଆରେ ବସିଗଲେ। ଡ୍ରେସିଂ ରୁମରେ ଥିବା ଖେଳାଳିମାନେ ମଧ୍ୟ ତଳକୁ ପଳାଇଆସିଥିଲେ। କୌଣସି ଜୀବନ କିମ୍ବା ସମ୍ପତ୍ତିର କ୍ଷତି ହୋଇନାହିଁ। ୨୦୨୨ରେ ସମାନ ଘଟଣା ଘଟିଥିଲା। ଜିମ୍ବାୱେ ଏବଂ ଆୟର୍ଲାଣ୍ଡ ମଧ୍ୟରେ ଏକ ୧୯ ବର୍ଷରୁ କମ ମ୍ୟାଚ୍ ଭିକମ୍ପ ଯୋଗୁ ଅସ୍ଥାୟୀ ଭାବରେ ବନ୍ଦ ହୋଇଯାଇଥିଲା। ବାଂଲାଦେଶ ଏପର୍ଯ୍ୟନ୍ତ ମ୍ୟାଚ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ତା'ର ପ୍ରଥମ ଇନିଂସରେ ୪୭୬ ରନ କରିପାରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ